## ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ

**ବ୍ରହ୍ମପୁର ଅଫିସ:** ଏମ୍‌କେସିଜି ଚକ୍ଷୁ ବିଭାଗ ପକ୍ଷରୁ ସୋମବାର ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରାଲି ଆୟୋଜିତ ହୋଇଥିଲା। ରାଲିକୁ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଜ୍ଞା ପଣ୍ଡା ଓ ପ୍ରଫେସର ସୁଚିତ୍ରା ଦାଶ ଉଦ୍‌ଘାଟନ କରିଥିଲେ। ଗ୍ଲୁକୋମାଜନିତ ଅନ୍ଧତ୍ୱ ସମ୍ପର୍କରେ ଜନସାଧାରଣଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା.ନାଗେଶ୍ୱର ରାଓ ସୁବୁଦ୍ଧି, ଡା.ରାଜେନ୍ଦ୍ର ବେହେରା, ଡା.ସଚଳା ଭୋଇ, ଡା.ସୁଜାତା ପାଢ଼ୀ, ଡା.ସବିତା ଦେବୀ, ଡା.ସଂଯୁକ୍ତା ମହାପାତ୍ରଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଓ ସେବିକାମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ରାଜନୀତିରେ ମହିଳା

ନରସିଂହ ସାହୁ
ବ୍ରହ୍ମପୁର ଅଫିସ, ୮।୩



ଜୟନ୍ତୀ ପଟ୍ଟନାୟକ | କୁମୁଦିନୀ ପଟ୍ଟନାୟକ | ପ୍ରମିଳା ବିଶୋୟୀ | ରେଣୁବାଳା ପ୍ରଧାନ | ଭି. ସୁଜ୍ଞାନ କୁମାରୀ ଦେଓ | ଶାନ୍ତି ଦେବୀ



ନନ୍ଦିନୀ ଦେବୀ | ଉଷା ଦେବୀ | ରତ୍ନମଞ୍ଜରୀ ଦେବୀ | ରାନୀ ପଣ୍ଡା | ଲତିକା ପ୍ରଧାନ | ମଞ୍ଜୁଳା ସ୍ୱାଇଁ | ସୂର୍ଯ୍ୟମଣି ବୈଦ୍ୟ

ଗଞ୍ଜାମ ଜିଲା ରାଜନୀତିରେ ମହିଳାଙ୍କ ପ୍ରଭାବ କ୍ରମଶଃ ବୃଦ୍ଧି ପାଇଥିଲେ ମଧ୍ୟ ଲୋକ ସଭା ଓ ବିଧାନସଭାକୁ ନିର୍ବାଚିତ ସଂଖ୍ୟା ହାତଗଣତି ହୋଇଛି। ୧୯୫୧-୫୨ ଠାରୁ ୨୦୧୯ ସୁଦ୍ଧା ଉଭୟ ନିର୍ବାଚନରେ ମାତ୍ର ୩ ମହିଳା ଲୋକ ସଭା ଓ ୧୦ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ରେଣୁବାଳା ପ୍ରଧାନ ରାଜ୍ୟସଭା ଏମ୍‌ପି ଥିଲେ। ସେହିପରି ଲୋକ ସଭାକୁ ବ୍ରହ୍ମପୁର ଆସନରୁ ୧୯୯୮ ନିର୍ବାଚନରେ ଜୟନ୍ତୀ ପଟ୍ଟନାୟକ ନିର୍ବାଚିତ ହୋଇଥିବା ବେଳେ ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ୧୯୯୯ ନିର୍ବାଚନରେ ନବୀନ ପଟ୍ଟନାୟକ ଜିତିଥିଲେ। ୨୦୦୦ ବିଧାନସଭା ନିର୍ବାଚନରେ ସେ ହିଞ୍ଜିଳିକାଟୁ ଆସନରୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହେବା ପରେ ଲୋକ ସଭାରୁ ଇସ୍ତଫା ଦେଇଥିଲେ। ପରେ ହୋଇଥିବା ଉପନିର୍ବାଚନରେ କୁମୁଦିନୀ ପଟ୍ଟନାୟକ ବିଜେଡିରୁ ନିର୍ବାଚିତ ହେଲେ। ୨୦୧୯ ସାଧାରଣ ନିର୍ବାଚନରେ ଆସିକା ଲୋକ ସଭା ଆସନରୁ ପ୍ରମିଳା ବିଶୋୟୀ ଏମ୍‌ପି ହୋଇଛନ୍ତି। ତେଣୁ ଦୀର୍ଘ ୭ ଦଶନ୍ଧି ମଧ୍ୟରେ ରାଜନୈତିକ ସଚେତନ ଜିଲା ଗଞ୍ଜାମରୁ ମାତ୍ର ୩ ମହିଳା ସଂସଦକୁ ଏବଂ ଜଣେ ରାଜ୍ୟ ସଭାକୁ ଯିବାର ସୁଯୋଗ ପାଇଛନ୍ତି।

ସେହିପରି ବିଧାନସଭାକୁ ନିର୍ବାଚିତ ୧୦ ମହିଳାଙ୍କ ମଧ୍ୟରେ ଭି. ସୁଜ୍ଞାନ କୁମାରୀ ଦେଓ ଖଲ୍ଲିକୋଟ ଆସନରୁ ୯ ଥର ଏବଂ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ଥରେ ନିର୍ବାଚିତ ହୋଇଥିଲେ। ସେ ବିଭିନ୍ନ ସମୟରେ କଂଗ୍ରେସ, ଉତ୍କଳ କଂଗ୍ରେସ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରୁ ବିଧାୟିକା ହୋଇଥିଲେ ମଧ୍ୟ ଥରେ ବି ମନ୍ତ୍ରୀ ହୋଇ ନ ଥିଲେ। ଚିକିଟି ନିର୍ବାଚନ ମଣ୍ଡଳୀରୁ ଉଷା ଦେବୀ ୮ ଥର ଜନତା ଦଳ ଓ ବିଜେଡିରୁ ଲଢ଼ି ୬ ଥର ଜିତିଥିଲେ ଏବଂ ୨ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ସ୍ୱର୍ଗୀୟା ଉଷାରାଣୀ ପଣ୍ଡା ଆସିକା ଓ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ଦୁଇଥର କଂଗ୍ରେସରୁ ବିଧାୟିକା ହୋଇ ଗିରିଧର ଗମାଙ୍ଗ ମନ୍ତ୍ରୀମଣ୍ଡଳରେ ସ୍ୱଳ୍ପ ସମୟ ପାଇଁ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ।

- ୧୯୫୧-୫୨ରୁ ୨୦୧୯ ସୁଦ୍ଧା ୧୦ ମହିଳା ବିଧାନସଭା ସଦସ୍ୟ
- ୩ ଲୋକ ସଭାକୁ ନିର୍ବାଚିତ ଜଣେ ରାଜ୍ୟ ସଭା ସଭ୍ୟ
- ବ୍ରହ୍ମପୁରରୁ ୨ ଥର ଜିତି ଏ. ଲକ୍ଷ୍ମୀବାଈ ପ୍ରଥମ ଉପବାଚସ୍ପତି

ଅନ୍ୟ ୭ ଜଣଙ୍କ ମଧ୍ୟରେ ୧୯୫୭ ବିଧାନସଭା ନିର୍ବାଚନରେ ତତ୍କାଳୀନ ବଡ଼ଖେମୁଣ୍ଡି (ବର୍ତ୍ତମାନର ଦିଗପହଣ୍ଡି) ଆସନରୁ କଂଗ୍ରେସରୁ ଅନଙ୍ଗ ମଞ୍ଜରୀ ଦେବୀ, ୧୯୯୦ ନିର୍ବାଚନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ଶାନ୍ତି ଦେବୀ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ସେହିପରି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ୧୯୭୭ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟିକା ହୋଇଥିଲେ ରତ୍ନ ମଞ୍ଜରୀ ଦେବୀ। ୨୦୧୪ ନିର୍ବାଚନରେ ସାନଖେମୁଣ୍ଡି ଆସନରୁ ବିଜେଡି ପ୍ରାର୍ଥୀ ନନ୍ଦିନୀ ଦେବୀ ବିଧାୟିକା ହୋଇଥିଲେ। ଉପରୋକ୍ତ ୭ ଜଣଙ୍କ ମଧ୍ୟରୁ ୬ ରାଜ ପରିବାରର ମହିଳା। ୨୦୧୯ ନିର୍ବାଚନରେ କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଆସିକାରୁ ମଞ୍ଜୁଳା ସ୍ୱାଇଁ ଓ (ଖଲ୍ଲିକୋଟ ସଂରକ୍ଷିତ) ଆସନରୁ ସୂର୍ଯ୍ୟମଣି ବୈଦ୍ୟ ବିଜେଡିରୁ ନିର୍ବାଚିତ ହୋଇଛନ୍ତି।

ସୂଚନାଯୋଗ୍ୟ, ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ ଓ ୧୯୪୬ରେ ହୋଇଥିବା ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ଆସନରୁ ଲଗାତର ଭାବେ ୨ ଥର କଂଗ୍ରେସରୁ ବିଧାୟିକା ହୋଇଥିଲେ ଏ. ଲକ୍ଷ୍ମୀବାଇ। ସ୍ୱର୍ଗତ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଭଉଣୀ ଲକ୍ଷ୍ମୀବାଇ ୧୯୪୬ ମେ ୨୯ରୁ ୧୯୫୨ ଫେବୃୟାରୀ ୨୦ ପର୍ଯ୍ୟନ୍ତ ବିଧାନସଭାରେ ପ୍ରଥମ ମହିଳା ଉପବାଚସ୍ପତି ହୋଇଥିଲେ। ଅପରପକ୍ଷରେ ୨୦୧୩ ପୌର ନିର୍ବାଚନରେ ବ୍ରହ୍ମପୁର ମହାନଗରର ୪୦ ୱାର୍ଡରୁ ୨୨ ୱାର୍ଡରେ ବିଜେଡିରୁ ୧୬ ଓ ୬ ମହିଳା କଂଗ୍ରେସରୁ ନିର୍ବାଚିତ ହେବା ସହ ବିଜେଡିର କେ. ମାଧବୀ ପ୍ରଥମ ମହିଳା ମେୟର ଏବଂ ଜ୍ୟୋତ୍ସ୍ନା ନାୟକ ଡେପୁଟି ମେୟର ନିର୍ବାଚିତ ହୋଇଥିଲେ। କେବଳ ସେତିକି ନୁହେଁ ଜିଲାର ୫୦୩ ପଞ୍ଚାୟତ ମଧ୍ୟରୁ ଅର୍ଦ୍ଧେକରେ ମହିଳା ସରପଞ୍ଚ ଓ ସମପରିମାଣର ସମିତିସଭ୍ୟା ଅଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ହୋଇଛନ୍ତି ଯଥାକ୍ରମେ ସୋନମ ପଲାଇ ଓ ସ୍ନେହଲତା ପଣ୍ଡା। ତେଣୁ ରାଜନୀତିରେ ମହିଳାଙ୍କ ପ୍ରଭାବ ବଢ଼ିଥିବା ବେଳେ ବିଧାନସଭା ଓ ଲୋକ ସଭାକୁ ନିର୍ବାଚିତ ସଂଖ୍ୟା ୧୩ରେ ସୀମିତ ରହିଛି।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ୱେବିନାର୍

ବ୍ରହ୍ମପୁର ଅଫିସ,୮।୩

ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଗତ ୧ ତାରିଖଠାରୁ ଅନ୍‌ଲାଇନ୍ ପାଠପଢା ଘୋଷଣା ପରେ ବିଭାଗ ପକ୍ଷରୁ ଏହି ୱେବିନାର୍ ହୋଇଥିଲା। ଏଥିରେ 'ଏ ବ୍ରିଫ୍ ଅନ୍ ୱେଟ୍‌ଲାଣ୍ଡ(ଆର୍ଦ୍ର ଜମି) ଇକୋ ସିଷ୍ଟମ୍' ଶୀର୍ଷକ ୱେବିନାର୍‌ରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ପ୍ରମିଳା ଖାଡ଼ଙ୍ଗା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଖଲିକୋଟ ବିଶ୍ୱବିଦ୍ୟାଳୟର ଏନ୍‌ଆର୍‌ଏମ୍ ଓ ଜିଓ ଇନ୍‌ଫର୍‌ମେଟିକ୍ସ ବିଭାଗର ଡ. ବି. ଅଞ୍ଜନ କୁମାର ପୃଷ୍ଟି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ମାନ୍ନା ମିଲିଥାନ୍ ୱେଟ୍‌ଲାଣ୍ଡ୍‌ର ସଂରକ୍ଷଣ ଉପରେ ଗୁରୁତ୍ୱ ଓ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ଆନନ୍ଦ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମିଳୁନି ସୁରାକ, ଚିନ୍ତାରେ ପୋଲିସ
### ଘରୁ ଚୋରି ଘଟଣା

**ବ୍ରହ୍ମପୁର ଅଫିସ,୮।୩:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶରଧାବାଲି ତୃତୀୟ ଲାଇନର ଏକ ତାଲାବନ୍ଦ ଘରୁ ଚୋରମାନେ ଚୋରି କରିଥିଲେ। ଏ ନେଇ ଦଣ୍ଡପାଣି ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୧୫ ଦିନ ପରେବି ପୋଲିସକୁ କିଛି ସୁରାକ ମିଳିପାରିନାହିଁ। ଘଟଣାରୁ ପ୍ରକାଶ, ଦଣ୍ଡପାଣି ଶରଧାବାଲି ତୃତୀୟ ଲାଇନରେ ଭଡ଼ାରେ ରହୁଛନ୍ତି। ସେ ଘରେ ତାଲା ପକାଇ ସପରିବାର ଡେଙ୍ଗାପଦର ଯାଇଥିଲେ। ଗତ ୨୧ ତାରିଖ ସକାଳେ ଦଣ୍ଡପାଣି ଘରକୁ ଫେରି ଦେଖିବା ବେଳେ ତାଲା ଭଙ୍ଗା ଯାଇଥିଲା। କୋଠରିରେ ଥିବା ଆଲମିରା ମଧ୍ୟ ଭଙ୍ଗା ଯାଇଥିବା ବେଳେ ଜନିଷିପତ୍ର ଫିଙ୍ଗା ଫୋପଡ଼ା ହୋଇଥିଲା। ଯାଞ୍ଚ ପରେ ଟଙ୍କା, ରୁପା ଅଳଙ୍କାର ଓ ଏକ ଲାପଟପ୍ ନ ଥିବା ଜଣାପଡ଼ିଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ତଦନ୍ତବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଉକ୍ତ ଘରେ କଳାକନା ବୁଲାଇଥିଲେ ବୋଲି ପୋଲିସ ସନ୍ଦେହ କରିଥିଲା।

### ଗାନ୍ଧିଜୀଙ୍କ ଶତବାର୍ଷିକୀ ପାଳନ ନେଇ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ୍,୮।୩:** ଫୋରମ୍ ଫର୍ ଗଞ୍ଜାମ ପକ୍ଷରୁ ଆର୍ଯ୍ୟଭଟ୍ଟ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଦ୍ୱାରା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ପାଳନ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ଫୋରମ୍ ପକ୍ଷରୁ ସମର୍ଥନ ଜଣାଯାଇଛି। ଫୋରମ୍ ଆବାହାକ ସୁଧୀର କୁମାର ରାଉତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୩ରୁ ୨୯ ତାରିଖ ଯାଏ ଗାନ୍ଧିଜୀଙ୍କ ଶତବାର୍ଷିକୀ ପାଳନ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟହ ଦଳିତ ଓ ସଂଖ୍ୟାଲଘୁ ବସତି ଅଞ୍ଚଳରୁ ରାମଧୁନ୍ ତଥା ସର୍ବଧର୍ମ ପ୍ରାର୍ଥନା ସହ ଗାନ୍ଧିନଗରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଯାଏ ପଦଯାତ୍ରା ସହ ପଥପ୍ରାନ୍ତ ସଭା କରାଯାଇ ସ୍ୱାଧୀନତା ବିଷୟରେ ଆଲୋଚନା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଫୋରମ୍ ଫର୍ ଗଞ୍ଜାମର ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମାନସ ରଞ୍ଜନ ପାତ୍ର, ଇ.ଟି. ରାଓ, ପ୍ରଶାନ୍ତ କୁମାର ମୁନି, ଜେ.ସୁରେଶ, ସ୍ୱରାଜ୍ୟ ସୁବୁଦ୍ଧି ଓ ଶ୍ୱେତାଲିନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାମଲିଙ୍ଗେଶ୍ୱର ମହୋତ୍ସବକୁ ନେଇ ଭାଜପାର ଅଭିଯୋଗ

**ବ୍ରହ୍ମପୁର ଅଫିସ, ୮।୩:** ରାଜ୍ୟରେ ପୁଣି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଜିଲା ପ୍ରଶାସନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବା ସହ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅବଗତ ମଧ୍ୟ କରାଯାଇଛି। ତେବେ ଚଳିତ ଶିବରାତ୍ରିରେ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ହେବାକୁ ଥିବା ରାମଲିଙ୍ଗେଶ୍ୱର ମହୋତ୍ସବକୁ କିଭଳି ଅନୁମତି ଦିଆଗଲା ବୋଲି ପୂର୍ବତନ ଜିଲା ଭାଜପା ସଭାପତି ତଥା କାହ୍ନୁ ଚରଣ ପତି ପ୍ରଶ୍ନ କରିଛନ୍ତି। କରୋନାକୁ ଦୃଷ୍ଟିରେ ରଖି ନିୟମ ମାନି ଚଳିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଥିବା ବେଳେ ବ୍ୟବସାୟିକ ଦୃଷ୍ଟିରୁ ଟିକଟ ବ୍ୟବସ୍ଥା କରି ଏଭଳି କାର୍ଯ୍ୟକ୍ରମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଗଞ୍ଜାମର ପରମ୍ପରା, ଐତିହ୍ୟ ଓ ଦଣ୍ଡନାଚକୁ ଅନୁମତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ବିଗତ ଦିନରେ ରାମଲିଙ୍ଗମ୍ ପାର୍କରେ ଯେଉଁ ଭଳି ଭିଡ଼ ହୋଇଥିଲା ତାକୁ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ସେହିଭଳି କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି କଳାକାରଙ୍କୁ ମଞ୍ଚ କଳା ପାଇଁ ଅନୁମତି ଦିଅଯାଉ ନ ଥିବା ବେଳେ ଆଜି ସେମାନେ ପେଟପାଟଣା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଠିକ୍ ଏହି ସମୟରେ ଜିଲା ପ୍ରଶାସନ ଓ ବିଏମ୍‌ସିର ଏଭଳି ରାମଲିଙ୍ଗେଶ୍ୱର ମହୋତ୍ସବ ନାଁରେ ଟିକଟ କରି କାର୍ଯ୍ୟକ୍ରମ ଆୟୋଜନ କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

## ଶେଷଦିନରେ ୪ ପ୍ରାର୍ଥୀଙ୍କ ନାମାଙ୍କନ

### ଗଞ୍ଜାମ ଓକିଲ ସଂଘ ନିର୍ବାଚନ

ବ୍ରହ୍ମପୁର ଅଫିସ,୮।୩

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଗତ ୬ ତାରିଖରୁ ଆରମ୍ଭ ହୋଇ ସୋମବାର ଅନ୍ତିମ ଦିନ ଥିଲା। ବିଭିନ୍ନ ପଦବୀ ପାଇଁ ମୋଟ ୪ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ, ଉପସଭାପତି ପାଇଁ ବି.ଭାଗୀରଥି ରାଓ ଓ ହରିକୃଷ୍ଣ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚଳିତବର୍ଷ ସଭାପତି ପଦ ପାଇଁ ଦୁଇଜଣ ନାମାଙ୍କନ ଦାଖଲ କରିଥିବା ବେଳେ ଉପସଭାପତି ପଦ ପାଇଁ ମୋଟ ୩ ଜଣ, ସମ୍ପାଦକ ପାଇଁ ୨ ଓ ଯୁଗ୍ମସମ୍ପାଦକ ପଦ ପାଇଁ ୨ ଜଣ ନାମାଙ୍କନ କରିଛନ୍ତି। ମୋଟ ୯ ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରସାଦ ରାଓ ସୂଚନା ଦେଇଛନ୍ତି। ୯ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ଓ ୧୦ରେ ପ୍ରାର୍ଥିପତ୍ର ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ୧୧ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ସେହିପରି ୧୩ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୭ ତାରିଖ ଦିନ ୮ଟାରୁ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ମଧ୍ୟରେ ଭୋଟ ଗଣତି କରି ଫଳାଫଳ ଘୋଷଣା କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ରାଜ୍ୟ ବାର୍ କାଉନସିଲ ଅନୁମୋଦନ କ୍ରମେ ଗଞ୍ଜାମ ଓକିଲ ସଂଘର ୧୩୨୭ ଜଣ ଆଇନଜୀବୀ ମତଦାନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୪୦ଜଣିଆ କମିଟି ମଧ୍ୟ ଗଠନ କରାଯାଇଛି। କମିଟିର ଅନ୍ୟତମ ସଦସ୍ୟ ଅକ୍ଷୟ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ପ୍ରସାଦ ଦୋରା, ନୟନ ଚନ୍ଦ୍ର ମହାପାତ୍ର, ମୋହନ ସିଙ୍ଗାରି, ପ୍ରଦୀପ ପଣ୍ଡା ଓ ସନ୍ତୋଷ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୋରା ହତ୍ୟା ଘଟଣା, ଅଭିଯୁକ୍ତ ଅଟକ
### ଗୁରୁତର ପ୍ରଶାନ୍ତ ବିଶାଖାପାଟଣା ସ୍ଥାନାନ୍ତର

ବ୍ରହ୍ମପୁର ଅଫିସ,୮।୩

ବ୍ରହ୍ମପୁର ସଦର ଥାନା ଖାଡ଼ାଙ୍କୁଲି ସାତକୁରୁଣୀ ଗ୍ରାମ ଛକରେ ରବିବାର ରାତିରେ କୋରା ସେଠୀଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ମାମଲା ନଂ. ୫୭/୨୧ରେ ଅଭିଯୁକ୍ତ ମିଟୁ ଓରଫ ମୁରଲୀ ସାହୁଙ୍କୁ ଅଟକ ରଖିଛି। ଅନ୍ୟପଟେ ମୃତକଙ୍କ ପୁଅ ପ୍ରଶାନ୍ତ ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏହି ହତ୍ୟାକାଣ୍ଡରେ ମିଟୁ ସହ ଅନ୍ୟ କେଉଁମାନେ ସାମିଲ ଥିଲେ ସେ ନେଇ ପୋଲିସ ତଦନ୍ତ ଚଳାଇଛି। ରବିବାର ସନ୍ଧ୍ୟାରେ କୋରା ଓ ତାଙ୍କ ପୁଅ ପ୍ରଶାନ୍ତ କୌଣସି କାମରେ ସାତକୁରୁଣୀ ଗ୍ରାମକୁ ଯାଇଥିଲେ। ରାତିରେ ସେମାନେ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଝଗଡା କରିଥିଲେ। ପରେ ଦୁର୍ବୃତ୍ତମାନେ ପ୍ରଶାନ୍ତଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। କୋରା ପୁଅକୁ ବଞ୍ଚାଇବାକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ବାପା, ପୁଅ ଗୁରୁତର ହୋଇଥିଲେ। ଉଭୟେ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ କୋରାଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର କୋରାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପୋଲିସ କୋରାଙ୍କ ମୃତଦେହ ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ବୋଲି କହିଛି।

## ନିଟ୍ ପରୀକ୍ଷାରେ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର ଅଫିସ,୮।୩

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ୨୦୨୦ ନିଟ୍ ଟପ୍ପର ଦୀପକ କୁମାର ଗୌଡ଼ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦୀପକ ଏଠାରେ ଯୁକ୍ତ ୨ ବିଜ୍ଞାନ ଅଧ୍ୟୟନ ପରେ ଉକ୍ତ ବିଭାଗରେ ଥିବା ଏକ କୋଚିଂ ସେଣ୍ଟରରେ ବର୍ଷକିଆ ମେଡ଼ିକାଲ କୋର୍ସ କରିଥିଲେ। ୨୦୨୦ ନିଟ୍ ପରୀକ୍ଷାରେ ସର୍ବୋଚ୍ଚ ୬୯୦ ମାର୍କ ରଖି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଅଧ୍ୟୟନ କରୁଛନ୍ତି। ଦୀପକଙ୍କ ଏହି ସଫଳତା ପାଇଁ କୋଚିଂ ଡ଼ିଭିଜନର କାର୍ଯ୍ୟରତ ଅଭିଜ୍ଞ ଓ ଉତ୍ସର୍ଗୀକୃତ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀ, ଆଧୁନିକ ପରୀକ୍ଷା ପ୍ରଣାଳୀ ସଂଗଠିତ ବ୍ୟବସ୍ଥା, ଉଚ୍ଚକୋଟୀର ପାଠ୍ୟଖସଡ଼ା. ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଦ୍ୱାରା ସମ୍ଭବ ହୋଇଛି । ଦୀପକ ସଫଳତା ପାଇଁ ପରିଚାଳନା କମିଟି ସଭାପତି ଡ଼. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ଼. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, ସଦସ୍ୟ ନୀଳକଣ୍ଠ ସାହୁ, ବାସନ୍ତି ବେହେରା, ଅଧ୍ୟକ୍ଷ ଏସ୍ ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମା ମାଧବ ମହାନ୍ତି ଓ ସୁବ୍ରତ କୁମାର ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନୂତନ ଶିକ୍ଷାନୀତି ଆଧାରିତ ଆଲୋଚନାଚକ୍ର

### ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବ୍ରହ୍ମପୁର ଅଫିସ,୮।୩


ଉପସ୍ଥିତି ଶିକ୍ଷୟିତ୍ରୀ ଶିକ୍ଷକ।

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଭାରତୀୟ ଶିକ୍ଷଣ ମଣ୍ଡଳ ଏବଂ ନୀତି ଆୟୋଗ ପକ୍ଷରୁ ନୂତନ ଶିକ୍ଷାନୀତି ଆଧାରିତ ଏକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି।

ଗଞ୍ଜାମ ଶିକ୍ଷାମଣ୍ଡଳର ବହୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଆଚାର୍ଯ୍ୟା, ଆଚାର୍ଯ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ଅଧ୍ୟକ୍ଷ ଏସ୍. ମୋହନ୍ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ସିଟି କଲେଜର ଅଧ୍ୟକ୍ଷ ଲମ୍ବୋଦର ପାଣିଗ୍ରାହୀ ନିଜ ମତ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନ ପରିଚାଳନା ସମିତି ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା, ଉପସଭାପତି ଡ. ହରେକୃଷ୍ଣ ନାୟକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଶିକ୍ଷାନୀତିରେ ଶିକ୍ଷକମାନଙ୍କର ଭୂମିକା ଉପରେ ଆଲୋଚନା ହୋଇଥିଲା । ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରଙ୍ଗମଞ୍ଚ ପୁନରୁଦ୍ଧାର ଦାବି

ବ୍ରହ୍ମପୁର ଅଫିସ୍,୮।୩

ଦଣ୍ଡ ପରମ୍ପରା, ସଂସ୍କୃତି ଓ ରଙ୍ଗମଞ୍ଚର ପୁନରୁଦ୍ଧାର ପାଇଁ ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ଗଞ୍ଜାମ ଜିଲା ଶାଖା ଦାବି କରିଛି। ଏ ନେଇ ରବିବାର ଗୋଷାଣୀନୂଆଗାଁରେ ଏକ ଖବରଦାତା ସମ୍ମିଳନୀ ସଂଘ ସଭାପତି ଦିଲୀପ କୁମାର ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣାରେ ଜିଲା ପ୍ରଶାସନ ମୁକ୍ତ ମଞ୍ଚ ନାଟକ ପରିବେଷଣ ନେଇ ସ୍ୱୀକୃତି ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଦଣ୍ଡନାଚ ମହାସଂଘ ସଭାପତି ଶିବରାମ ପ୍ରଧାନ, ନାଟ୍ୟଗୁରୁ ଜି.ରାଜେନ୍ଦ୍ର ରେଡ୍ଡୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପରମ୍ପରା ଓ ସଂସ୍କୃତି ଆମର ସ୍ୱାଭିମାନ ବୋଲି କହିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଗଞ୍ଜାମ ଜିଲା ଦଣ୍ଡନାଟ ମହାସଂଘ, ଦକ୍ଷିଣ ଓଡ଼ିଶା କଳାକାର ମହାସଂଘ, ମା'କୁରେଇଶୁଣୀ ଲୋକକଳା ନିର୍ଦ୍ଦେଶକ ସଂଘ, ଜିଲା ଶବ୍ଦାଲୋକ ଓ ଚିତ୍ରାଳୟ କାରିଗର ସଂଘ ଓ ମଞ୍ଚ ଜ୍ୟୋତି ପ୍ରମୁଖ ସଂଗଠନ ସାମିଲ ହୋଇଥିଲେ।

## ଆଇଟିଆଇ ଶିକ୍ଷାନୁଷ୍ଠାନରେ ମହିଳା ଦିବସ



ଉପସ୍ଥିତ ଶିକ୍ଷାନୁଷ୍ଠାନର ଛାତ୍ରୀ ଓ ଶିକ୍ଷୟିତ୍ରୀ।

ବ୍ରହ୍ମପୁର ଅଫିସ,୮।୩

ବ୍ରହ୍ମପୁର ସରକାରୀ ଆଇଟିଆଇ ବୈଷୟିକ ଅନୁଷ୍ଠାନ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପାରଳା ମହାରାଜା ବୈଷୟିକ ଅନୁଷ୍ଠାନର ପ୍ରଫେସର ଏସ୍. ପୁଷ୍ପାଞ୍ଜଳି ମିଶ୍ର ଓ ମୀନାକ୍ଷୀ ଛୋଟରାୟ ଉପସ୍ଥିତ ଥିଲେ । ଆଇଟିଆଇରେ ୨୦୧୨ରୁ ଝିଅମାନେ ଅଧିକ ମାତ୍ରାରେ ନାମ ଲେଖାଇବା ସହ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଉଛନ୍ତି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ସୂଚନା ଦେଇଥିଲେ । ଏହି ଅବସରରେ ଦକ୍ଷତାସମ୍ପନ୍ନ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଫାଙ୍କା ପଡ଼ିଛି ନବନିର୍ମିତ ବାଦପୁର ସବ୍‌ଜେଲ

ବ୍ରହ୍ମପୁର ଅଫିସ,୮।୩

- ବ୍ରହ୍ମପୁର ମଣ୍ଡଳ କାରାଗାରକୁ ୧୫୮ ବର୍ଷ
- ଏହି ଜେଲରେ ରାଜ୍ୟର ଏକମାତ୍ର ଫାଶୀ ଖୁଣ୍ଟ




ଗଞ୍ଜାମ ଜିଲାର ସୀମାନ୍ତ ତଥା ଉପାନ୍ତ ଅଞ୍ଚଳ ପାତ୍ରପୁର ବ୍ଲକ ବାଦପୁରଠାରେ ନିର୍ମିତ ହୋଇଛି ସବ୍‌ଜେଲ ବିଲଡିଂ। ନିୟମାନୁସାରେ ଘେରା ପାଚେରି ନିର୍ମାଣ ମଧ୍ୟ ସରିଛି। ହେଲେ ୫ ବର୍ଷ ହେବ କାର୍ଯ୍ୟକ୍ଷମ ନ ହୋଇ ଫାଙ୍କା ପଡ଼ିଛି। ସୂଚନାଯୋଗ୍ୟ, ପାତ୍ରପୁରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗ ଅଦାଲତ ରହିଛି। ବିଭିନ୍ନ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଇବା ପରେ ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଉଛି। ଫଳରେ ମୁଦାଲାଙ୍କ ସମ୍ପର୍କୀୟମାନେ ବିଭିନ୍ନ ସମୟରେ ଖର୍ଚ୍ଚାନ୍ତ ହୋଇ ବ୍ରହ୍ମପୁର ଯିବାକୁ ପଡୁଛି ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବାଦପୁରଠାରେ ଜେଲ ନିର୍ମାଣ କରାଯାଇଥିଲେ ମଧ୍ୟ ତା'ର ଉପଯୋଗ ହୋଇପାରୁନାହିଁ।

ବ୍ରିଟିଶ ସରକାର ଅମଳରେ ୧୮୬୩ରେ ବ୍ରହ୍ମପୁର ମଣ୍ଡଳ କାରାଗାର ପ୍ରତିଷ୍ଠା ହୋଇଥିଲା। ୧୫୮ ବର୍ଷର ଏହି ପୁରାତନ କେନ୍ଦ୍ରୀୟ ଜେଲରେ ରହିଛି ରାଜ୍ୟର ଏକମାତ୍ର ଫାଶୀ ଖୁଣ୍ଟ। ସର୍ବପ୍ରଥମେ ମହାନ୍ ଦେଶ ଭକ୍ତ ଓ ବିପ୍ଲବୀ ଆଦିବାସୀ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ମାର୍ଚ୍ଚ ୨୯ରେ ଫାଶୀ ଦିଆଯାଇଥିଲା। ତେଣୁ ତାଙ୍କୁ ଶହୀଦ ଆଖ୍ୟା ଦିଆଯାଇଛି। ଜେଲ ସମ୍ମୁଖରେ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସାଙ୍ଗକୁ ଯେଉଁ ସେଲ୍‌ରେ ସେ ରହୁଥିଲେ ତାହାକୁ ଜାତୀୟ ସ୍ମାରକୀ କରାଯାଇଛି। ଶହୀଦ ଦିବସରେ ସରକାରୀ ଭାବେ ସ୍ମୃତିଚାରଣ କରାଯାଉଛି। ଗଞ୍ଜାମରେ ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ସମେତ ଭଞ୍ଜନଗରରେ ଅଛି ସ୍ୱତନ୍ତ୍ର (ସ୍ପେଶାଲ) ଜେଲ। ଏହାସହ ଜିଲାର ଆସିକା, ଛତ୍ରପୁର, କୋଦଳା, ସୋରଡ଼ା, ଦିଗପହଣ୍ଡିରେ ସବ୍‌ଜେଲ (ଉପକାରାଗାର) ରହିଛି। ସୀମାନ୍ତ ଇଲାକା ପାତ୍ରପୁର ବ୍ଲକର ବାଦପୁରରେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସବ୍‌ଜେଲ ବିଲ୍‌ଡିଂ କାହିଁକି କାର୍ଯ୍ୟକ୍ଷମ ହେଉନି ତାହା ପ୍ରଶ୍ନବାଚୀ ହୋଇଛି। ଏ ସମ୍ପର୍କରେ ଅଞ୍ଚଳ ରାଜନେତା ତଥା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟିକୁ ନେଇଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଗୁରୁତ୍ୱ ଦେଇଥିଲେ। ଅପରପକ୍ଷରେ ନାମ ଗୋପନ ରଖି ଜେଲ ବିଭାଗର ଜଣେ ଅଧିକାରୀଙ୍କ କହିବାନୁସାରେ ବିଭିନ୍ନ କାରଣରୁ ଛୋଟ ଜେଲଗୁଡ଼ିକ ବନ୍ଦ କରାଯିବା ପ୍ରସ୍ତାବ ରହିଛି। ତେଣୁ ନବନିର୍ମିତ ବାଦପୁର ସବ୍‌ଜେଲ କାର୍ଯ୍ୟକ୍ଷମ କରା ନ ଯାଇ ଫାଙ୍କା ରଖାଯାଇଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୯ ମାର୍ଚ୍ଚ, ୨୦୨୧

**ନିଜ ଘର ଜାଳିଦେଲେ ନିଶାସକ୍ତ ଯୁବକ**

ଗଞ୍ଜାମ,(ଡି.ଏନ.ଏ.): ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମର ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ନିଜ ଘରେ ନିଆଁ ଲଗାଇବା ସହ ଅନ୍ୟ ବ୍ୟକ୍ତିଙ୍କୁ ମାରପଟ କରିଥିବା ଅଭିଯୋଗ ହୋଇଛି। ଛତ୍ରପୁର ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ ସେବା ବନ୍ଦ କରି ଦିଆଯାଇଥିଲା। ଗଞ୍ଜାମ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରି ଥାନାକୁ ନେଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ମିଶି ନିଆଁ ଲାଗିଥିବା ଘରୁ ୩୦ରୁ ଊର୍ଦ୍ଧ୍ୱ ଧାନ ବସ୍ତା ବାହାର କରିଥିଲେ। ନିଶାସକ୍ତ ଯୁବକଙ୍କ ଉନ୍ମତକାଣ୍ଡ ଯୋଗୁ ଅନ୍ୟ ଘରଗୁଡ଼ିକରେ ନିଆଁ ଲାଗିବା ଆଶଙ୍କା ଥିବାରୁ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକେ ଦାବି କରିଥିଲେ।

## ସଂକ୍ଷେପରେ

### ଆଦର୍ଶ ଓଡ଼ିଶା ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା

**ବେଗୁନିଆପଡା,୮।୩(ଡି.ଏନ.ଏ.):** ବେଗୁନିଆପଡ଼ା ରାଗପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ୮୦ ସିଟ ଥିବା ବେଳେ ଏଥି ନିମନ୍ତେ ୩୬୦ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ସେହିଭଳି ଅଷ୍ଟମ ଶ୍ରେଣୀ ପାଇଁ ୪ ସିଟ ଥିବା ବେଳେ ୨୭ ଜଣ ଓ ନବମ ଶ୍ରେଣୀ ପାଇଁ ୧୩ ସିଟ ଥିବା ବେଳେ ୮ଜଣ ଆବେଦନ କରିଛନ୍ତି। କୋଭିଡ୍ ନିୟମକୁ ପାଳନ କରାଯାଇ ପରୀକ୍ଷା ଅନୁଷ୍ଠିତ ହୋଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର ଭରପ୍ରାପ୍ତ ଅଧକ୍ଷା ଏ.ମିରାରାଣୀ ଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଛନ୍ତି।

### ଔଷଧୀୟ ମଶାରି ବଣ୍ଟନ

**ବୁଗୁଡ଼ା,୮।୩(ଡି.ଏନ.ଏ.):** ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ଥାନୀୟ ଏନ୍ଏସି ଅନ୍ତର୍ଗତ ନିକୁଞ୍ଜ ମୋହନ କ୍ଳବଠାରେ ରବିବାର ଔଷଧୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରଘୁନାଥ ସାହି ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ନାୟକ, ଗୋଲାସାହି ୨ର ସସ୍ମିତା ପାଣି, କୁମ୍ଭାରସାହିର ସଞ୍ଜୁକ୍ତା ପ୍ରଧାନ ଓ ଗୋଲାସାହି ୧ର ନଳିନୀ ମହାରଣା ପ୍ରମୁଖ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ପରିବାରରଙ୍କୁ ଔଷଧୀୟ ମଶାରି ବଣ୍ଟନ କରିଥିଲେ। ତେବେ ଏଠାରେ କୌଣସି ମେଡିକାଲ କର୍ମଚାରୀ ଉପସ୍ଥିତ ନ ଥିଲେ। ଅପରପକ୍ଷରେ ଏନ୍ଏସି ଅନ୍ତର୍ଗତ କୃଷ୍ଣଶରଣପୁର ଅଙ୍ଗନୱାଡି କେନ୍ଦ୍ରରେ ଏଏନ୍ଏମ୍ ଗୀତାଞ୍ଜଳି ପାତ୍ର ଓ କର୍ମୀ ଅନିତା ମିଶ୍ର ଯୋଗଦେଇ ଔଷଧୀୟ ମଶାରି ବଣ୍ଟନ କରିଥିଲେ।

### ମା’ କଲ୍କୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ : ସମା ଚାମ୍ପିୟନ

**ପୁରୁଷୋତ୍ତମପୁର,୮।୩(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଚିଙ୍ଗୁଡିଘାଇ ଗ୍ରାମରେ ମା’ କଲ୍କୀ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସମା ଓ ଗୋଠିଆଳି ଟିମ୍ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ୧୧ ରନରେ ଗୋଠିଆଳିକୁ ପରାସ୍ତ କରି ସମା ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାକର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କଲ୍କୀ କ୍ରିକେଟ ଟିମ୍ର ସମସ୍ତ ସଭ୍ୟ ମ୍ୟାଚ୍ ପରିଚାଳନା କରିଥିଲେ।

### ସମ୍ମାନିତ ହେଲେ ସାମାଜିକ କର୍ମୀ

**ଶେରଗଡ,୮।୩(ଡି.ଏନ୍.ଏ.):** ଶେରଗଡ ବ୍ଲକର ଯୁବ ଖବରଦାତା ତଥା ସାମାଜିକ କର୍ମୀ ଇ. ଦେବୀ ପ୍ରସାଦ ଦାଶଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ସମ୍ମାନିତ କରିଛନ୍ତି। ମାଲକାନାଗିରିସ୍ଥିତ ଟାଉନହଲରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍କଳ ସାମ୍ବାଦିକ ସଂଘର ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସାରକା ଓ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ତାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଛନ୍ତି।

# ଜଳୁଛି ଜଙ୍ଗଲ, ସ୍ଥିତି ଜଟିଳ ହେବା ଆଶଙ୍କା

**ଅକ୍ଟୋବରରୁ ଭଞ୍ଜନଗରରେ ବର୍ଷା ନାହିଁ**

**ଭଞ୍ଜନଗର,୮।୩(ଡି.ଏନ.ଏ)**

ଭଞ୍ଜନଗର ଅଞ୍ଚଳରେ ଗତ ଅକ୍ଟୋବର ମାସରୁ ବର୍ଷା ହୋଇନି। ଜଙ୍ଗଲରେ ଗଛରୁ ପତ୍ରଝଡ଼ି ଶୁଖି ପଡ଼ିରହିଛି। ପତ୍ରରେ କୌଣସି କାରଣରୁ ନିଆଁ ଲାଗିଲେ ଜଙ୍ଗଲରେ ବ୍ୟାପିଯାଉଛି। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଜଙ୍ଗଲ ପୋଡ଼ି ବଢ଼ିବାରେ ଲାଗିଛି । ଆଗକୁ ସ୍ଥିତି ଅସମ୍ଭାଳ ହେବା ଆଶଙ୍କା ରହିଛି । ମାର୍ଚ୍ଚ ପହିଲାରୁ ସୋମବାର ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡ ଅଞ୍ଚଳରେ ପ୍ରାୟ ୮ଶହ ସ୍ଥାନରେ ନିଆଁ ଲାଗିଛି । ସେଥିମଧ୍ୟରୁ କେବଳ ଗତ ରବିବାର ୩୯୦ ସ୍ଥାନରେ ନିଆଁ ଲାଗିଥିବା ବେଳେ ସୋମବାର ଅପରାହ୍ନ ୪ଟା ସୁଦ୍ଧା ୪୮ ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ୍ ତଥ୍ୟରୁ ଜଣାପଡ଼ିଛି । ଗତ ୮ଦିନ ମଧ୍ୟରେ ପ୍ରାୟ ୧୫୦ ହେକ୍ଟର ବିଭିନ୍ନ ଜଙ୍ଗଲ ନିଆଁଲାଗି କ୍ଷତିଗ୍ରସ୍ତ ହୋଇଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଶନିବାର ପାହାଡ଼ ଉପରେ



ମୁଜାଗଡ଼ ରେଞ୍ଜର ଏକ ଜଙ୍ଗଲ ଜଳୁଛି ।

ନିଆଁ ଲିଭାଉଥିବା ବେଳେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଛାତିରେ ଆଘାତ ଲାଗିଥିଲା। ସୋମବାର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବା ପରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରବିବାର ପବନ ବହିବା ଯୋଗୁ ନିଆଁକୁ ଆୟତ୍ତ କରାଯାଇ ପାରି ନ ଥିଲା । ଭଞ୍ଜନଗର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ଡିଏଫ୍ଓ ଅଭୟ କାନ୍ତ ଦଳେଇ, ଏସିଏଫ୍ ସୁଦର୍ଶନ ବାଦି, ଏମ୍.ମୋତିଲାଲ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ଜଙ୍ଗଲରେ ରହି ନିଆଁକୁ କିଭଳି ନିୟନ୍ତ୍ରଣ କରାଯିବ ସେ ନେଇ ଯୋଜନା ଚଳାଇଛନ୍ତି। ଜଙ୍ଗଲ ପୋଡ଼ି ଯୋଗୁ ବନ୍ୟଜନ୍ତୁ ଗାଁମୁହାଁ ହୋଇ ବିପଦରେ ପଡୁଛନ୍ତି। କେତେକ ସ୍ଥାନରେ ଜଙ୍ଗଲ ନିଆଁ ଉଡ଼ିଆସି ଘର ପୋଡ଼ିଥିବା ସୂଚନା ମିଳିଛି। ଏନେଇ ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି, ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଚାଲିଛି । ସଚେତନ ନାଗରିକ ଓ ପରିବେଶବିତ ବର୍ତ୍ତମାନ ସମୟରେ ସ୍ଥିତିକୁ କିଭଳି ମୁକାବିଲା କରାଯିବ ସେନେଇ ଯୋଜନା କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ହଜାର ହଜାର ହେକ୍ଟର ଜମି ପରିବ୍ୟାପ୍ତ ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲର ସୁରକ୍ଷା ନିମନ୍ତେ ହାତଗଣତି କେତେଜଣ କର୍ମଚାରୀ ଦାୟିତ୍ୱରେ ଅଛନ୍ତି। ତେଣୁ ଜଙ୍ଗଲ ସୁରକ୍ଷା କରିବାକୁ ହେଲେ ସାଧାରଣଜନତାଙ୍କ ସହଯୋଗ ଲୋଡ଼ା। କିନ୍ତୁ କେତେଜଣ ଅଶିକ୍ଷିତ ଏବଂ ଅସମାଜିକ ବ୍ୟକ୍ତି ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ଯେଉଁଥିପାଇଁ ଆଜି ଏହି ଅବସ୍ଥା ସୃଷ୍ଟି ହେଉଛି। ତେଣୁ ସାଧାରଣଜନତାଙ୍କ ମଧ୍ୟରେ ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ସଚେତନତା କରିବା ଆବଶ୍ୟକ। ବନ ବିଭାଗ କର୍ମଚାରୀ ଏହିଭଳି ଅସାଧୁ ବ୍ୟକ୍ତିଙ୍କୁ ଠାବ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ନିଆଁ ଯୋଗୁ ସଙ୍କଟରେ ବନ୍ୟପ୍ରାଣୀ

**ଜି.ଉଦୟଗିରି,୮।୩(ଡି.ଏନ.ଏ.)**

କଳିଙ୍ଗା ଘାଟି ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଲାଗିଛି ନିଆଁ। ନିଆଁରେ ବନ୍ୟପ୍ରାଣୀ ପ୍ରଭାବିତ ହେବା ସହିତ ପରିବେଶ ପ୍ରଭାବିତ ହେବାକୁ ଯାଉଛି। ଗୋଟିଏ ପାର୍ଶ୍ୱର ନିଆଁକୁ ବନ ବିଭାଗ ନିୟନ୍ତ୍ରଣ କରୁଥିବା ବେଳେ ଅନ୍ୟ ପାର୍ଶ୍ୱରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଫଳରେ ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଯାଉଛି ନିଆଁ। ସମିତି କର୍ମଚାରୀ ସହିତ ଅଗ୍ନିସେବା ବିଭାଗ ସହାୟତାରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ମଧ ସମ୍ଭବ ହୋଇପାରୁନି। ଏହି ନିଆଁରେ ଛୋଟ ବଡ଼ ବହୁ ଗଛ ଗୁଡ଼ିକ ପୋଡି ପାଉଁଶ ହେଲାଣି। ଏହି ଦଶ୍ୟ କଳିଙ୍ଗା ଡାକ ବଗିଚା ସମ୍ମୁଖରେ ଦେଖିବାକୁ ମିଳିଛି। ଦିନ ରାତି ଏହିଭଳି ନିଆଁ ଲାଗି ରହିବାରୁ କଳିଙ୍ଗା ସହିତ ଜି.ଉଦୟଗିରି ସହର ଧୂଆଁମୟ ହୋଇଯାଇଛି। ୨୫ ବର୍ଷ ମଧ୍ୟରେ ଏଭଳି ଜଙ୍ଗଲରେ ନିଆଁ ସ୍ଥାନୀୟ ଲୋକମାନେ ଦେଖିନଥିବା କହିଛନ୍ତି। ଏମିତି ଲାଗି ରହିଲେ ଚଳିତ ବର୍ଷ ଅଧିକ ଖରାକୁ ସାମ୍ନା କରିବାକୁ ପଡିବ। ଏ ସମ୍ପର୍କରେ କନ୍ଧମାଳ ଡିଏଫଓ ଲକ୍ଷ୍ମୀକାନ୍ତ ବେହେରାଙ୍କୁ ପଚାରିବାରୁ କହିଛନ୍ତି ସକାଳେ ନିଆଁ ଲାଗିଥିଲା ତାକୁ ଟିମ ଯାଇ ଲିଭାଇଛନ୍ତି।

# ନିୟମିତ ହେଲେ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର କର୍ମଚାରୀ

**ଫୁଲବାଣୀ ଅଫିସ, ୮।୩**

ରାଜ୍ୟର ଭିନ୍ନକ୍ଷମମାନଙ୍କୁ ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଥବା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର କର୍ମଚାରୀମାନଙ୍କ ଦାବି ପୂରଣ ହୋଇଛି। ଦୀର୍ଘ ଦିନର ଆନ୍ଦୋଳନ ପରେ ଏହି କର୍ମଚାରୀମାନଙ୍କ ଚାକିରୀ ନିୟମିତ ହୋଇଛି। ଗତ ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଜ୍ୟର ୮ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ କାର୍ଯ୍ୟରତ ୩୭ ଜଣ ବୈଷୟିକ କର୍ମଚାରୀଙ୍କୁ ନିୟମିତ ମାନ୍ୟତା ଦେଇଛନ୍ତି ସରକାର । ଏଥିପାଇଁ ରାଜ୍ୟ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ରାଜ୍ୟ ସଂଘର ସାଧାରଣ ସଂପାଦକ ଡ. ଅକ୍ଷୟ ପଣ୍ଡା ପ୍ରକାଶ କରିଛନ୍ତି। ଫୁଲବାଣୀ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଖବରଦାତା ସମିଳନୀରେ ପଣ୍ଡା ଆହୁରି କହିଛନ୍ତି, ସମଗ୍ର ଦେଶରେ ଆମ ରାଜ୍ୟରେ ହିଁ ପ୍ରଥମକରି ଏଭଳି ପଦକ୍ଷେପ ନିଆଯାଇଛି । ଆମର ଦୀର୍ଘ ୨୦ ବର୍ଷର ପରିଶ୍ରମ, ସେବା ଓ ସଂଗ୍ରାମର ଫଳ ମିଳିଛି । ଏହି ନିଷ୍ପତି ଦ୍ୱାରା ଫୁଲବାଣୀ କେନ୍ଦ୍ରର ୪ ଜଣ ବୈଷୟିକ କର୍ମଚାରୀଙ୍କ ସମେତ ରାଜ୍ୟର ୮ଟି କେନ୍ଦ୍ରରେ କାମ କରୁଥିବା ୩୭ ଜଣ ଉପକୃତ ହେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୦୧ରେ ଓଲଟପୁର ନିରତାର ଆନୁକୂଲ୍ୟରେ ଫୁଲବାଣୀଠାରେ ଏକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଖୋଲାଯାଇ ବିଭିନ୍ନ ପ୍ରକାର ଦୁଃସାଧ୍ୟ ଅକର୍ମଣ୍ୟତା ଭୋଗୁଥିବା ବ୍ୟକ୍ତିଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା । ବିଭିନ୍ନ ଦୁର୍ଘଟଣା ତଥା ଜଟିଳ ରୋଗର ଶିକାର ହୋଇ ଅକର୍ମଣ୍ୟ ହେବା ଆଶଙ୍କାରେ ଥିବା ଲୋକଙ୍କୁ ପୁଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଏହି କେନ୍ଦ୍ର ସଫଳ ହୋଇଥିଲା । ଏଥିସହ ଜନ୍ମରୁ ଭିନ୍ନକ୍ଷମ ଥିବା ଅବା ପାଦ ବିକୃତ ଅନେକ ଶିଶୁଙ୍କୁ ସଫଳ ଚିକିତ୍ସା ଏଠାରେ କରାଯାଉଛି। କନ୍ଧମାଳ ସମେତ ମୟୂରଭଞ୍ଜ, କଳାହାଣ୍ଡି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ଖୋର୍ଦ୍ଧା ଓ ସମ୍ବଲପୁର ଭଳି ୮ ଜିଲାରେ ଏଭଳି କେନ୍ଦ୍ର କାର୍ଯ୍ୟ କରୁଛି।

# ସେବା ମନୋବୃତ୍ତିରେ ହାର୍ ମାନିଛି ଅକ୍ଷମତା

### ଉଦାହରଣ ସାଜିଛନ୍ତି ଫାସି ସରପଞ୍ଚ

**ବେଗୁନିଆପଡ଼ା, ୮।୩(ଡି.ଏନ୍.ଏ.)**

ଚାଲିବାର କ୍ଷମତା ନାହିଁ। ନିଜେ ଆଶାବାଡ଼ି ଉପରେ ଭରସା କରୁଥିଲେ ମଧ ବେଗୁନିଆପଡା ବ୍ଲକର କାଣ୍ଡସର ଗ୍ରାମର ନବୀନ କୁମାର ଦଳେଇ (୪୩) ପଞ୍ଚାୟତବାସୀଙ୍କ ଆଶାବାଡ଼ି ସାଜିଛନ୍ତି। ନବୀନ ହେଉଛନ୍ତି ଫାସି ପଞ୍ଚାୟତର ସରପଞ୍ଚ। ୩ ବର୍ଷ ବୟସରେ ସେ ପୋଲିଓ ଆକ୍ରାନ୍ତ ହୋଇଥିଲେ। ଆର୍ଥିକ ଅବସ୍ଥା ଖରାପ ଥିବାରୁ ପରିବାର ଲୋକେ ଚିକିତ୍ସା କରାଇପାରି ନ ଥିଲେ। ଆଉ ୩୫ ବର୍ଷ ତଳେ ଅପରେଶନରେ ନିଜର ଦୁଇଟି ଯାକ ଗୋଡ ହରାଇଥିଲେ। ଟ୍ୟୁସନ କରି ପରିବାର ଚଳାଇବା କଷ୍ଟ ହେବାରୁ ଲୋନ କରି ଚପଲ ଦୋକାନଟିଏ କରିଥିଲେ। ନବୀନଙ୍କ ପରିବାର କହିଲେ ମା, ଗୋଟିଏ ଭଉଣୀ ଏବଂ ଦୁଇ ଭାଇ। ୨୦୧୭ ପଞ୍ଚାୟତ ନିର୍ବାଚନରେ ସେ ଫାସି ସରପଞ୍ଚ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱାଧୀନ ଭାବରେ ବିଜୟୀ ହେଲେ। ପ୍ରାୟ ୯ ହଜାର ଜନସଂଖ୍ୟାବିଶିଷ୍ଟ ପଞ୍ଚାୟତର ସେ ସରପଞ୍ଚ। ନିଜର ଉଲ୍ଲେଖନୀୟ ସେବା ପାଇଁ ଜିଲାସ୍ତରରୁ ବହୁ ସମ୍ମାନ ପାଇଛନ୍ତି ।

ଆର୍ଥିକ ଅଭାବରୁ ନିଜେ ଦଶମ ଶ୍ରେଣୀ ପାଠ ପଢ଼ିଥିଲେ। ନିଜ ପଞ୍ଚାୟତରେ ଶିକ୍ଷାର ଉନ୍ନତି ପାଇଁ ସ୍କୁଲ, ରାସ୍ତାଘାଟ, ପୋଖରୀ ଓ ଖେଳର ବିକାଶ ପାଇଁ ଖେଳପଡିଆ ଓ ପାନୀୟ ଜଳ ଭଳି ସମସ୍ୟାର ସମାଧାନ କରିଛନ୍ତି। ନବୀନଙ୍କ ସେବା ମନୋବୃତ୍ତି ଆଗରେ ହାର୍ ମାନିଛି ଅକ୍ଷମତା।

### ଓକିଲ ସଂଘ ନିର୍ବାଚନ, ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ପୁରୁଷୋତ୍ତମପୁର,୮।୩(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ଲାଗି ସୋମବାର ପ୍ରାର୍ଥିପତ୍ର ଦାଖଲ ପାଇଁ ନିର୍ବାଚନ ଅଧିକାରୀ ରବୀନ୍ଦ୍ର ବେହେରା ଧାର୍ଯ୍ୟ କରିଥିଲେ। ଏଥିରେ ସମସ୍ତ ଓକିଲ ଯୋଗଦେଇ ସହମତି ଭିତରେ ନିର୍ବାଚନ ବଦଳରେ କର୍ମକର୍ତ୍ତାଙ୍କୁ ଚୟନ କରିଥିଲେ। ସଭାପତି ଭାବେ କେଦାରନାଥ ପଟ୍ଟନାୟକ, ଉପସଭାପତି ଭାବେ ସୀମାଞ୍ଚଳ ସେଠୀ ଓ ସହ ସମ୍ପାଦକ ପାଣ ବେହେରାଙ୍କୁ ମନୋନୀତ କରିଛନ୍ତି। ଏହାକୁ ନିର୍ବାଚନ ଅଧିକାରୀ ଆସନ୍ତା ୨୭ତାରିଖରେ ଆନୁଷ୍ଠାନିକ ଭାବେ ଘୋଷଣା କରିବେ।

# ଜିଲା ବଡି ବିଲ୍ଡିଂ ଚାମ୍ପିୟନଶିପ୍, ଦିଲୀପ ଶ୍ରେଷ୍ଠ



ଅତିଥିଙ୍କ ଗହଣରେ ବିଭିନ୍ନ ବର୍ଗର ଚାମ୍ପିୟନ।

**ଫୁଲବାଣୀ ଅଫିସ, ୮।୩**

ଫୁଲବାଣୀସ୍ଥିତ ଜିଲା ବଡି ବିଲ୍ଡିଂ ଓ ୱେଟ ଲିଫ୍ଟିଂ ଆସୋସିଏଶନ ପରିସରରେ ଜିଲା ବଡି ବଲ୍ଡିଂ ଚାମ୍ପିଅନଶିପ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଦିଲୀପ କୁମାର ପାତ୍ର ସର୍ବଶ୍ରେଷ୍ଠ ବା ଚାମ୍ପିୟନ ଅଫ ଚାମ୍ପିୟନ ହୋଇଛନ୍ତି। ୫୦ରୁ ୬୦ କେଜି ବର୍ଗରେ ଯୁଗଳ ଦିଗାଳ ପ୍ରଥମ ହୋଇଥିବା ବେଳେ ସଦାନନ୍ଦ ବାଘ ଦ୍ୱିତୀୟ, ଅମିତ ମୁଖୀ ତୃତୀୟ ହୋଇଛନ୍ତି। ସେହିପରି ୬୦ରୁ ୬୫ କେଜି ବର୍ଗରେ ଦିଲୀପ କୁମାର ପାତ୍ର ପ୍ରଥମ, ଗୋକୁଳ ପ୍ରଧାନ ଦ୍ୱିତୀୟ, ପିଟର ସଞ୍ଜୀବ ସାଗର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୬୫ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ପିଣ୍ଟୁ ବେହେରା ଦଳେଇ ପ୍ରଥମ, ଏମ୍ଡି ସାହିଲ ରାଜ୍ ଦ୍ୱିତୀୟ, ଦୀପକ କୁମାର ନାୟକ ତୃତୀୟ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ଲିଶା ନାୟକ ଚାମ୍ପିୟନ ହୋଇଛନ୍ତି। ସମସ୍ତ ଚାମ୍ପିୟନମାନେ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ଚାମ୍ପିଅନଶିପ୍‌ରେ ଭାଗ ନେବେ । ରାଜ୍ୟ ସଂଗଠକ ସଞ୍ଜୟ ଶତପଥୀ, ବିଚାରକ ଭାବେ ଅନୀଲ ନାୟକ, ଦିଲୀପ ବାଗ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌର ପରିଷଦ ଅଧକ୍ଷ ରାଜେନ୍ଦ୍ର କହଁର, ବଡି ବିଲ୍ଡିଂ କ୍ଲବର ସାଧାରଣ ସମ୍ପାଦକ ପାର୍ଥସାରଥି ବିଶ୍ୱାଳ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମକର୍ତମାନେ ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ




ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ପାରଳାଖେମୁଣ୍ଡି,୮।୩(ଡି.ଏନ୍.ଏ.)**

ଗଜପତି ଜିଲା ବିଜେଡି ପକ୍ଷରୁ ପାରଳାଖେମୁଣ୍ଡି ଆର୍ଏମ୍ସିଠାରେ ଥିବା ରାଧାରାଣୀ କଲ୍ୟାଣ ମଣ୍ଡପ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ବିଜେଡି ସରକାର ମହିଳାମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଗୁମ୍ମା, ଗୋଷାଣି ଏବଂ କାଶୀନାଗରର ବହୁ ମହିଳା ଓ ପୁରୁଷ କର୍ମୀ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ପୂର୍ବତନ ଜିଲା ସଭାପତି ବସନ୍ତ ଦାସ, ଜିଲା ଯୁବ ବିଜେଡି ସଭାପତି ଏସ. ଲିଙ୍ଗରାଜ, ବିଜେଡି ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ଲକ୍ଷ୍ମୀକାନ୍ତ ପରିଛା, ମାରୁତି ପାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜିଲାର ପ୍ରମୁଖ ମହିଳା ସଂଗଠନ ‘ଅନନ୍ୟା-ଗଜପତି’ ତରଫରୁ ମଧ ଏହି ଦିବସ ସ୍ଥାନୀୟ ଆପନ୍ନା ପରିଛା ମଠ ପରିସରରେ ପାଳିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରସିଂହ ଗୌଡ ମୁଖ୍ୟଅତିଥି, ଶିକ୍ଷୟତ୍ରୀ ନର୍ମଦା ଦାସ ମୁଖ୍ୟବକ୍ତା, ମୁରଲୀଧର ପରିଛା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ବିଭିନ୍ନ ଅଧିକାର ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସୁଯୋଗ ପ୍ରଦାନ କରାଗଲେ ଦେଶ ଓ ସମାଜର ଉନ୍ନତି ଘଟିବ ବୋଲି ମତପ୍ରକାଶ ପାଇଛି। ସଂଗଠନର ସଭାନେତ୍ରୀ ମମତା ଆପଟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ସମ୍ପାଦିକା ତନୁଜା ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମହିଳାଙ୍କୁ ସଚେତନ କରିଥିଲେ। ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ




ବୈଠକରେ ମଞ୍ଚାସୀନ ଅତିଥି।

**ଦାରିଙ୍ଗବାଡ଼ି,୮।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ ସୋମବାର ଜିଲା ଦାରିଙ୍ଗବାଡ଼ି ଶାଖାର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜିଲା ସଭାପତି ସର୍ବେଶ୍ୱର ପାତ୍ର, ବ୍ଲକ ସଭାପତି ନବକୃଷ୍ଣ ମହାରାଣା, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ରାଜକିଶୋର ବେହେରା, ମୋଚିରାମ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ। ସଂଘ ପକ୍ଷରୁ ବିଧାୟକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସ୍ଥାନୀୟ ପ୍ରଶାସନ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡକାଯାଇଥିଲେ ସୁଦ୍ଧା କେହି ନଆସିବାରୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ବିଧାୟକଙ୍କ ପାଣ୍ଠିରୁ ଏକ ସଭାଗୃହ ଯୋଗାଇଦେବାକୁ ବିଧାୟକ ବରିଷ୍ଠ ନାଗରିକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପ୍ରଶାସନ ନିକଟକୁ ୮ଦଫା ଦାବି ପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେଥିରେ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକାକରଣ କରାଯିବା ସହ ସେମାନଙ୍କୁ ସଭାସମିତି ପାଇଁ ଏକ ସଭାଗୃହ ସମେତ ଜମି ଯୋଗାଇଦେବାକୁ ଉଲ୍ଲେଖ ରହିଛି।

# କ୍ରିକେଟ ଟୁର୍ନାମେଣ୍ଟ, ନାରାୟଣପୁର ଚାମ୍ପିୟନ

**ଦିଗପହଣ୍ଡି,୮।୩(ଡି.ଏନ୍.ଏ.)**

ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମ ଗୌଡ଼ ଗୁହାଳ ପଡ଼ିଆରେ ଚାଲିଥିବା ମା ଗ୍ରାମଦେବତୀ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ନାରାୟଣପୁର ଚାମ୍ପିୟାନ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ୨୦ ଓଭରରେ ନାରାୟଣପୁର କ୍ରିକେଟ ଟିମ ଶହେ ରନ କରିଥିଲା। ଜବାବରେ ରାଜ ପୁର କ୍ରିକେଟ ଟିମ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୬ ରନ କରି ପରାଜିତ ହୋଇଥିଲେ। ଯୋଗେନ୍ଦ୍ର ପ୍ରଧାନ ଏବଂ ଭଗବାନ ନାହାକ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ଟୁର୍ନାମେଣ୍ଟ ଉଦ୍ଯାପନୀ ଉତ୍ସବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଏବଂ ଉପ ବିଜେତା ଟିମକୁ ପୁରସ୍କୃତ କରିଥିଲେ। ଏଥିରେ ଖଲିଙ୍ଗି ଗ୍ରାମର ପୂର୍ବତନ ସରପଞ୍ଚ ଭଗବାନ ରାଉତ , ସାମାଜିକ କର୍ମୀ ନିତ୍ୟାନନ୍ଦ ମହାନ୍ତି, ମହେନ୍ଦ୍ର ଜେନା, କାହ୍ନୁ ନାହାକ, ଗୌରା ନାହାକ, ଦିଲୀପ ନାହାକ, ସୁନିଲ ନାହାକ, ତ୍ରିଲୋଚନ ମହାନ୍ତି , ପର୍ଶୁ ରାମ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।




ଚାମ୍ପିୟନ ଦଳ ସହ ମୁଖ୍ୟଅତିଥି।

# କାଠ ଗଣ୍ଡି ଜବତ, ୩ ଗିରଫ

**ଖଲ୍ଲିକୋଟ,୮।୩(ଡି.ଏନ.ଏ.)**

ଖଲ୍ଲିକୋଟ ବନ ବିଭାଗ କେନ୍ଦୁପାଟ ଗ୍ରାମ ନିକଟରୁ ଚୋରା ଚାଲାଣ କରାଯାଉଥିବା ଆକାଶିଆ କାଠଗଣ୍ଡି ସହ ଏକ ଟ୍ରାକ୍ଟରକୁ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ସୋମବାର ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଆମ୍ଭଝର ନୂଆପଲୀ ଗ୍ରାମର ପ୍ରକାଶ ପ୍ରଧାନ, ହୁମା ବେଲପନା ଗ୍ରାମର ଡମ୍ବରୁ ପ୍ରଧାନ ଏବଂ ଚିକିଲି ଗ୍ରାମର ରଘୁ ନାୟକ। ଅଭିଯୁକ୍ତମାନେ କେନ୍ଦୁପାଟରୁ ଚୋରାରେ କାଠ ନେଉଥିବା ବେଳେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ନେତୃତ୍ୱରେ ଫରେଷ୍ଟର ଜିତେନ୍ଦ୍ର କୁମାର ରାଉତ, ଫରେଷ୍ଟଗାଡ ମନୋଜ ସେଠୀ, ସୁଜାତା କୁମାରୀ ସାହୁଙ୍କ ସମେତ ବନ କର୍ମଚାରୀ ଚଢ଼ାଉ କରି ଧରିଥିଲେ। ଏ ନେଇ ବନ ବିଭାଗ କେସ ନଂ. ୩୫୮/୨୧ରେ ମାମଲା ରୁଜୁ କରି କରାଯାଇଛି।

# ମିଳିଲାନି କରୋନା ଟିକା, ବରିଷ୍ଠ ନାଗରିକ ନିରାଶ

**ବୁଗୁଡ଼ା,୮।୩(ଡି.ଏନ.ଏ.)**

ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କରୋନା ଟିକା ନେବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ମଧ ବହୁ ବରିଷ୍ଠ ନାଗରିକ ନିରାଶରେ ଫେରିଛନ୍ତି। ସ୍ଥାନୀୟ ବ୍ଲକ ମୋଟାବାଡ଼ି ଗ୍ରାମର ଅଙ୍ଗନୱାଡି କର୍ମୀ ଟିକା ଦିଆଯିବ ବୋଲି କହିଥିଲେ। ଏଥିପାଇଁ ସକାଳୁ ଉକ୍ତ ଡାକ୍ତରଖାନାରେ ବହୁ ବରିଷ୍ଠ ନାଗରିକଙ୍କ ଭିଡ଼ଜମିଥିଲା। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦେଖା ନ ମିଳିବାରୁ ଲୋକେ ବାରଣ୍ଡାରେ ବସିରହିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଟିକାକାରଣ ମୁଖ୍ୟ ଦାୟିତ୍ୱରେ ଥିବା ବିପିଏମ୍ ବିଶ୍ୱଜିତ ପ୍ରଧାନଙ୍କୁ ପଚାରିବାରୁ ଟିକା ସରିଯାଇଛି, ଆଉଥରେ ଆସିଲେ ଦିଆଯିବ ବୋଲି କହିଥିଲେ। କିନ୍ତୁ ଟିକା କେବେ ଆସିବ ସେ ନେଇ କୌଣସି



ଟିକା ପାଇଁ ଅପେକ୍ଷାରତ ବୃଦ୍ଧାବୃଦ୍ଧ।

ସ୍ପଷ୍ଟ ସୂଚନା ଦେଇ ପାରିନଥିଲେ। ଜନସାଧାରଣଙ୍କ ସୂଚନା ପାଇଁ ନୋଟିସ କାହିଁକି ଲଗାଯାଉନି ବୋଲି ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ୱାଟ୍ସଆପ ଗ୍ରୁପରେ ଜଣାଯାଇଥିବା କହିଥିଲେ ହେଁ ଅଧିକାଂଶ ସ୍ୱାସ୍ଥ୍ୟ କର୍ମୀ ଏହା ଜାଣିପାରି ନଥିବା ନଜରକୁ ଆସିଥିଲା। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଶୁଭାଶିଷ ପାଣିଗ୍ରାହୀଙ୍କୁ ପଚାରିବାରେ ପ୍ରଥମ ଡୋଜ୍ ନେବାର ୨୮ ଦିନ ପରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଦ୍ୱିତୀୟ ଡୋଜ୍ ଟିକା ନେବାର ଆବଶ୍ୟକତା ଥିବା ଯୋଗୁ ଟିକା ଅଭାବ ହୋଇଥିଲା। ଟିକା ଆସିଲେ ବରିଷ୍ଠ ନାଗରିକ ମାନଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ।

## ଶୋ'ରୁମରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଗୋପାଳପୁର:** ଗୋଳନ୍ତରା ଥାନା ଅଟୋନଗରସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଶୋ'ରୁମରୁ ଦୁର୍ବୃତ୍ତମାନେ ରବିବାର ରାତିରେ ଚୋରି କରିଛନ୍ତି। ଶୋ'ରୁମ୍ ମାଲିକ ବ୍ରହ୍ମପୁର ମହାନଗର ଅଞ୍ଚଳର ସତ୍ୟ ନାରାୟଣ ପ୍ରଧାନ ସନ୍ଧ୍ୟାରେ ଶୋ'ରୁମ ବନ୍ଦ କରି ଯାଇଥିଲେ। ମଧ୍ୟରାତିରେ ଦୁର୍ବୃତ୍ତମାନେ ଶୋ'ରୁମ ସଟର ଭାଙ୍ଗି ଭିତରକୁ ପଶି ୧ ଲକ୍ଷ ୪ ହଜାର ଟଙ୍କା, ୬ଟି ବାଇକ୍ ଚାବି ଓ ଅନ୍ୟ କାଗଜପତ୍ର ନେଇ ଚମ୍ପଟ ମାରିଥିଲେ। ସୋମବାର ସତ୍ୟ ଶୋ'ରୁମକୁ ଖୋଲିବାରୁ ଚୋରି ହୋଇଥିବା ଜାଣିଥିଲେ। ଗୋଳନ୍ତରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସେହିପରି ଉକ୍ତ ସୋ'ରୁମ ପାର୍ଶ୍ୱରେ ଥିବା ଅନ୍ୟ ତିନି ଦୋକାନରୁ ଚୋରି ଉଦ୍ୟମ କରି ବିଫଳ ହେବାରୁ ଭଙ୍ଗାରୁଜା କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଖବର ଲେଖା ହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

## ସଂକ୍ଷେପରେ

### ୬୧ ୟୁନିଟ ରକ୍ତ ସଂଗ୍ରହ

**ଦାରିଙ୍ଗବାଡ଼ି,୮।୩(ଡି.ଏନ.ଏ)**
ଦାରିଙ୍ଗବାଡ଼ି ପଥପାଶ୍ୱ ସେବାକେନ୍ଦ୍ର ଠାରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଦାରିଙ୍ଗବାଡ଼ି ସମେତ ବ୍ରାହ୍ମଣୀଗାଁ, ଶ୍ରୀନିକେତା, ଗଦାପୁର, କିରିକୁଟି, ବାଡାବାଙ୍ଗା ଆଦି ପଞ୍ଚାୟତର ୬୧ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରାମକୁ ପ୍ରମୋଦ କୁମାର ମାଝୀ, ବିଧାୟକଙ୍କ ପ୍ରତିନିଧି ଦୀପକୁ ସାହୁ, ପର୍ଡମାହାର ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ପ୍ରମୁଖ ପରିଚାଳନା କରିଥିଲେ।

### ଆହତ ହରିଣ ଶାବକ ଉଦ୍ଧାର


ଆହତ ହରିଣ ଶାବକ।

**ଖଲ୍ଲିକୋଟ, ୮।୩(ଡି.ଏନ୍.ଏ.)**
ଖଲ୍ଲିକୋଟ ବ୍ଲକ ମାଣିକପୁର ଗ୍ରାମ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ସୋମବାର ଏକ ହରିଣ ଶାବକ ଆହତ ହୋଇ ପଡ଼ିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଫରେଷ୍ଟ ଗାଡ ସୀମାଞ୍ଚଳ ନାଏକ ପହଞ୍ଚି ହରିଣ ଶାବକକୁ ଉଦ୍ଧାର କରି ପ୍ରାଣୀ ଡ଼ାକ୍ତରଙ୍କ ଦ୍ୱାରା ଚିକିତ୍ସା ପରେ ନାରାୟଣୀ ଫରେଷ୍ଟ ବିଟ୍ ହାଉସରେ ରଖାଯାଇଛି।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ, ମୋନଷ୍ଟାର ଚାମ୍ପିୟନ

**ଗଞ୍ଜାମ,୮।୩(ଡି.ଏନ.ଏ.)**
ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ଗ୍ରାମରେ ଦିଗବିଜୟ ଯୁବକ ସଂଘ ଦ୍ୱାରା ଆୟୋଜିତ ପିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କିଙ୍ଗ ଫିସେରକୁ ହରାଇ ମୋନଷ୍ଟାର ଚାମ୍ପିୟନ ହୋଇଛି। ମୋନଷ୍ଟାରର ଅଧିନାୟକ ସନ୍ତୋଷ କୁମାର ବେହେରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ସଭାପତି ମଗତା ବେହେରା, ସମ୍ମାନିତ ଅତିଥି ମତ୍ସ୍ୟଜୀବୀ ସଭାପତି ସୁବାସ ବେହେରା ଯୋଗଦେଇ ଚାମ୍ପିୟନ ଟିମ ଓ ରନର ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ମିଳିଲା ଅନୁମତି, ଦଣ୍ଡୁଆଙ୍କୁ ନେଇ ହେବ ଦଣ୍ଡଯାତ୍ରା

**ଛତ୍ରପୁର,୮।୩ (ଡି.ଏନ୍.ଏ.)**

କୋଭିଡ-୧୯ ନିୟମ ଅନୁପାଳନ କରି ଚଳିତବର୍ଷ କେବଳ ଦଣ୍ଡୁଆ ମାନଙ୍କ ଦ୍ୱାରା ଦଣ୍ଡନାଚ କରିବାକୁ ଅନୁମତି ଦିଆଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭିଡିଓ କନଫେନ୍ସ ବୈଠକରେ ଅବଗତ କରାଇଛନ୍ତି। ଦୁଇଶହ ଲୋକଙ୍କ ମଧ୍ୟରେ ସିମୀତ ରଖି କେବଳ ମାନସିକ ଦଣ୍ଡଯାତ୍ରା ପାଳିତ ହେବ। ଏହାଠାରୁ ଯେଭଳି ଅଧିକ ଲୋକେ ହେବେନି ଏବଂ ସମସ୍ତେ କୋଭିଡ ନିୟମ ମାନିବେ ସେଥି ସକାଶେ ଆୟୋଜକ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଅନୁମତି ନେବେ । କୌଣସି ଅସୁବିଧା ଦେଖାଗଲେ ଆୟୋଜକ ନିଜେ ଦାୟୀ ରହିବେ । ଦଣ୍ଡଯାତ୍ରାରେ ଭୋଜି କି ଅନ୍ନପ୍ରସାଦ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରିବେ ନାହିଁ । ମାନସିକଧାରୀ ଦଣ୍ଡୁଆ ଦିନକୁ ଥରେ ମାତ୍ର ରାତିରେ ଯେଉଁ ପ୍ରସାଦ ପ୍ରସ୍ତୁତ କରି ସେବନ କରନ୍ତି ତାହା ସେବନ କରିବା ନିମନ୍ତେ ପ୍ରଶାସନ ଅନୁମତି ଦେଇଛି। ଦଣ୍ଡଯାତ୍ରା ବେଳେ ଟ୍ରାଫିକ ଜାମ୍, ଡିଜେ, ରେକର୍ଡ ମ୍ୟୁଜିକ, ଅପେରାକୁ ବାରଣ କରାଯାଇଛି। ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଭାରପ୍ରାପ୍ତ ଥାନାଧିକାରୀମାନଙ୍କୁ


ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ।

ନେଇ ଲୋକ ପ୍ରତିନିଧି ଏବଂ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ଏ ସମସ୍ତ ବିଷୟ ଅବଗତ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଲୋକଙ୍କ ଦ୍ୱାରା ଦଣ୍ଡନାଚ ହେବ, ବାହାର ରାଜ୍ୟରୁ କିମ୍ବା ବାହାର ଜିଲାର ଲୋକଙ୍କୁ ଏଥିରେ ସାମିଲ କରାଯିବନି। ସେହିପରି ମହାଶିବରାତ୍ର ନିମନ୍ତେ ମଧ୍ୟ କଟକଣା ଜାରି କରାଯାଇଛି । ମାସ୍କ ନ ଥିଲେ ମନ୍ଦିର ମଧ୍ୟକୁ ପ୍ରବେଶ ନାହିଁ । କେବଳ ଜିଲା ଲୋକଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ରହିବ । ଜନସାଧାରଣଙ୍କ ସକାଶେ ଭଜନ ସମାରୋହକୁ ବାରଣ

- ମାସ୍କ ନ ଥିଲେ ଶିବରାତ୍ରିରେ ମନ୍ଦିର ପ୍ରବେଶ ମନା
- କୋଭିଡ୍ ନିୟମରେ ହେବ ତାରାତାରିଣୀ ଯାତ୍ରା
- ସାଂସ୍କୃତିକ କାର୍ଯ୍ୟକ୍ରମ ହେବନି

କରାଯାଇଛି । କେବଳ ଠାକୁରଙ୍କ ସକାଶେ ଭଜନ ପରିବେଷଣ ହୋଇପାରିବ । ଭକ୍ତମାନଙ୍କୁ ମାସ୍କ ପରିଧାନ ଓ ଠିକ ସାନିଟାଇଜେଶନ କରି ମନ୍ଦିର ମଧ୍ୟକୁ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ଛଡ଼ାଯିବ । ସେମାନେ ବାହାରିବା ପରେ ଅନ୍ୟ ଭକ୍ତଙ୍କୁ ପ୍ରବେଶ ସୁଯୋଗ ଦିଆଯିବ। ମନ୍ଦିର କମିଟି ଏହାର ସୁପରିଚାଳନା କରିବେ । କୋଭିଡ ସଂକ୍ରମିତ ଲକ୍ଷଣ ଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ମନ୍ଦିର ଯିବାକୁ ବାରଣ କରାଯାଇଛି । ମନ୍ଦିର ମଧ୍ୟରେ ଭୋଗ ବଣ୍ଟନ ଓ ପ୍ରସାଦ ସେବନ ହେବ ନାହିଁ। ସେହପରି ମା' ତାରାତାରିଣୀଙ୍କର ଚୈତ୍ର ମାସ ପର୍ବ ସକାଶେ ମଧ୍ୟ ପ୍ରଶାସନ ତରଫରୁ ଗାଇଡଲାଇନ ଜାରି କରାଯିବ। ସକାଳ ୬ଟାଠାରୁ ସନ୍ଧ୍ୟା ୫ ଟା ମଧ୍ୟରେ ଭକ୍ତ ମା'ଙ୍କ ଦର୍ଶନ କରିପାରିବେ । ପୂଜା ସକାଶେ ଯାହା ନୀତି ନିୟମ ରହିଛି ତାହା ପାଳନ କରାଯିବ । କୋଭିଡ ୧୯ ନିୟମ ଅନୁପାଳନ କରାଯାଇ କେବଳ ଜିଲାବାସୀ ମା'ଙ୍କର ଦର୍ଶନ କରିପାରିବେ। ବସ ଗୁଡିକରେ କୋଭିଡ ପରୀକ୍ଷା କରାଯିବ । ମନ୍ଦିର ଉପର ସ୍ଥାନରେ କୌଣସି ଦୋକାନ ରହିବ ନାହିଁ , ପ୍ରସାଦ ବଣ୍ଟନ ଓ ସେବନ ତଳେ କରାଯିବ । ପର୍ବକୁ ଶୃଙ୍ଖଳିତ ଭାବେ କରିବା ସକାଶେ ପ୍ରଶାସନ ଓ ମନ୍ଦିର କମିଟି ସଦସ୍ୟ ମାନଙ୍କୁ ନେଇ ପୁନର୍ବାର ବୈଠକ ଆଗତ କରାଇବାକୁ ସ୍ଥିର କରାଯାଇଥିଲା । ଜନସାଧାରଣଙ୍କ ଇଚ୍ଛା ସକାଶେ ଏହି ଅନୁମତି ପ୍ରଦାନ କରାଯାଇଛି ବୋଲି ଜିଲାପାଳ ଅବଗତ କରାଇଥିଲେ ।

ବୈଠକରେ ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ ଓ ଅମୀୟ କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭସନ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉନ୍ନୟନ କର୍ତ୍ତୁପକ୍ଷ ସଚିବ ସମ୍ବିତ ରାଉତ , ଜିଲା ଜରୁରୀ କାଳୀନ ଅଧିକାରୀ ଦିବ୍ୟଲୋଚନ ମହନ୍ତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅଲିଭ ରିଡ଼ଲେଙ୍କ ସୁରକ୍ଷା ନେଇ ଆଲୋଚନା

**ଗଞ୍ଜାମ,୮।୩(ଡି.ଏନ.ଏ.)**

ହାଇକୋର୍ଟର ନିର୍ଦ୍ଦେଶକ୍ରମେ ଗଞ୍ଜାମ ବ୍ଲକ ଗୋଖରକୁଦା ଗ୍ରାମଠାରେ କଇଁଛଙ୍କ ସୁରକ୍ଷା ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇକୋର୍ଟର ଏକ ତିନି ଜଣିଆ ପ୍ରତିନିଧି ଦଳ ଯଥା ଡଃ କାର୍ତ୍ତିକ ଶଙ୍କର, ସୁଶାନ୍ତ ନନ୍ଦ ଓ ମୋହିତ ଅଗ୍ରୱାଲା ମତ୍ସ୍ୟଜୀବୀ ଗ୍ରାମର ମୁଖିଆମାନଙ୍କ ସହ କଇଁଛଙ୍କ ମୃତ୍ୟୁ ଏବଂ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଆଲୋଚନା କରିଥିଲେ। ଗଞ୍ଜାମ ବ୍ଲକର ପୋଡମପେଟା, ଗୋଖରକୁଦା, ପୁରୁଣାବନ୍ଧ ଓ ଛତ୍ରପୁର ବ୍ଲକର ବଡ଼ନୋଳିଆ ନୂଆଗାଁ, ସାନ ନୋଳିଆର ନୂଆଗାଁ, ବଡ଼ଆର୍ଜିପଲ୍ଲୀ, ସାନ ଆର୍ଜିପଲ୍ଲୀ ଆଦି ମତ୍ସ୍ୟଜୀବୀ ଗ୍ରାମର ଲୋକମାନେ କଇଁଛ ସୁରକ୍ଷା ହେବା ସହ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଗୁରୁତ୍ୱ ଦିଆଯାଉ ବୋଲି କହିଥିଲେ। ମତ୍ସ୍ୟଜୀବୀ ଜାଲରେ କଇଁଛମାନେ କେବେ ମରୁନାହାନ୍ତି କିନ୍ତୁ ବାହାର ଟ୍ରଲର ମାନଙ୍କ ଦ୍ୱାରା ମାଛ ମାରିବା ବେଳେ ହିଁ କଇଁଚା ମରୁଥିବା ସେମାନେ କହିଥିଲେ। ନଭେମ୍ବର ଠାରୁ ମଇ ପର୍ଯ୍ୟନ୍ତ ମାଛ ମାରିବା ପାଇଁ କଟକଣା କରାଯାଇଛି। ସେଥିରେ ମତ୍ସ୍ୟଜୀବୀମାନଙ୍କୁ ଯେଉଁ ସହାୟତା ୭,୫୦୦ ମିଳୁଛି ତାହା ପରିବାର ଚଳାଇବା କଷ୍ଟକର ହେଉଥିବା ବେଳେ ଅନେକ ମତ୍ସ୍ୟଜୀବୀ ପରିବାରକୁ ସହାୟତା ମିଳୁନାହିଁ ବୋଲି କହିଥିଲେ।

## ଯୁବତୀ, ଯୁବକଙ୍କ ମୃତ୍ୟୁ ଏବେ ବି ରହସ୍ୟ ଘେରରେ

**ପାରଳାଖେମୁଣ୍ଡି,୮।୩(ଡି.ଏନ୍.ଏ.)**

ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ଆରିବା ଗ୍ରାମରେ ରବିବାର ରାତିରେ ଘରୁ ଜଣେ ଯୁବତୀ ଓ ଯୁବକଙ୍କ କ୍ଷତାକ୍ତ ମୃତଦେହ ଠାବ କରାଯାଇଥିଲା। ସୋମବାର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଯୁବତୀ ଶିବାଲା ଡିଲେଶ୍ୱରୀ ଏବଂ ଯୁବକ ଟି. ଶ୍ରୀନୁଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ମୃତଦେହ ନିକଟରୁ ଏକ ଛୁରୀ ଏବଂ ଘର ବାହାରେ କିଛି ଜୋତା ଓ ଚୁଡି ପଡିଥିବା ଦେଖାଯାଇଥିଲା। ପୋଲିସ ସେଗୁଡିକୁ ଜବତ କରିଛି। ଯୁବତୀ, ଯୁବକ ଆତ୍ମହତ୍ୟା କରିଛନ୍ତି କି ସେମାନଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ମୃତକଙ୍କ ପରିବାର ଲୋକେ ଏହି ଘଟଣା ପଛରେ କେତେଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛନ୍ତି। ଏ ନେଇ ନଂ.୨/୨୧ରେ ଏକ ମାମଲା ରୁଜୁ ହୋଇଥିବା ଗୁରାଣ୍ଡି ଥାନା ଭାରପ୍ରାପ୍ତ ଅଧିକାରୀ ମମତା ପଣ୍ଡା କହିଛନ୍ତି।

ଗ୍ରାମର କେତେଜଣ କହିଛନ୍ତି, ଡିଲେଶ୍ୱରୀ ଓ ଶ୍ରୀନୁଙ୍କ ମଧ୍ୟରେ କୁଆଡ଼େ ପ୍ରେମ ସମ୍ପର୍କ ରହିଥିଲା। ଏହାକୁ ପରିବାର ଲୋକେ ଗ୍ରହଣ କରୁ ନଥିଲେ। ତେଣୁ ଡିଲେଶ୍ୱରୀଙ୍କ ଅନ୍ୟତ୍ର ବିବାହ କରିବା ପାଇଁ ସ୍ଥିର କରିଥିଲେ। ଆସନ୍ତା ଶୁକ୍ରବାର ନିର୍ବନ୍ଧ ହୋଇଥାନ୍ତା। ତେଣୁ ଏହା ପୂର୍ବରୁ ଉଭୟେ ଚରମ ନିଷ୍ପତ୍ତି ନେଇଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷରେ ଘର ବାବହାର ଜୋତା ଓ ଚୁଡ଼ି ମିଳିଥିବାରୁ ମୃତକଙ୍କ ସମ୍ପର୍କୟ ଏହି ଘଟଣା ପଛରେ ଅନ୍ୟ କାହାର ହାତ ଥିବା ସନ୍ଦେହ କରୁଛନ୍ତି । ମୃତ ଯୁବତୀ, ଯୁବକଙ୍କ ମୋବାଇଲ କଲ ରେକର୍ଡ ଯାଞ୍ଚ କରି ବିଧିବଦ୍ଧ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ସନମୁଖ ରାଓ, ଯୁବତୀଙ୍କ ମାମୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ଗୁଡ ଉତ୍ପାଦନ କେନ୍ଦ୍ର ଉଦଘାଟିତ

**ଆସିକା,୮।୩(ଡି.ଏନ.ଏ.)-** ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତର ଗଙ୍ଗାପୁର ଓ ଚଡିଆପଲ୍ଲୀ ପଞ୍ଚାୟତର ତୁମ୍ବାଠେଙ୍ଗାପଲ୍ଲୀ ଗ୍ରାମରେ ସୋମବାର ଗୁଡ ଉତ୍ପାଦନ କେନ୍ଦ୍ର ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଛି। ରାଜ୍ୟ ଜୀବିକା ମିଶନ ଓ ମିଶନ ଶକ୍ତି ସହାୟତାରେ ଗଙ୍ଗାପୁରର ଗୃହଲକ୍ଷ୍ମୀ ଓ ତୁମ୍ବାଠେଙ୍ଗାପଲ୍ଲୀର ବସୁମାତା ଉତ୍ପାଦିତ ଗୋଷ୍ଠୀ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ଏହି ଶିଳ୍ପ ପ୍ରତିଷ୍ଠା କରାଯାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚାଷ ହେଉଥିବା ଆଖୁ ସଂଗ୍ରହ କରାଯାଇ ସେଥିରୁ ଗୁଡ ଉତ୍ପାଦନ ଲାଗି ଯୋଜନା କରାଯାଇଛି। ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ଲକ ଅଧ୍ୟକ୍ଷ ହରିକୃଷ୍ଣ ମଲିକ, ବିଡିଓ ରୋଶନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ଜୀବିକା ମିଶନର ଜିଲା ପ୍ରକଳ୍ପ ଅଧିକାରୀ ନବୀନ କୁମାର ସେନାପତି ଯୋଗଦେଇଥିଲେ । ଜୀବିକା ମିଶନର ବ୍ଲକ ପ୍ରକଳ୍ପ ଅଧିକାରୀ ଅନିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଦାବି

**ଛତ୍ରପୁର,୮।୩(ଡି.ଏନ୍.ଏ.)**

ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି। ରାଜ୍ୟ ବିଧାନସଭାରେ ଏହି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ହେଲେ ଜନସାଧାରଣଙ୍କ ପ୍ରତିନିଧିତ୍ୱ କ୍ଷେତ୍ରରେ ସେମାନେ ପୁରୁଷଙ୍କ ସମକକ୍ଷ ହୋଇପାରିବେ ବୋଲି ସୋମବାର ଛତ୍ରପୁର ବ୍ଲକ କେଟିଏନପୁରଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ବିଜେଡି ନେତାମାନେ କହିଛନ୍ତି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରି ଓଡ଼ିଶାରେ ମହିଳାଙ୍କ ବିକାଶ ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ



ମହିଳା ସମାବେଶରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସବୁ କ୍ଷେତ୍ରରେ ଆଗୁଆ ବୋଲି ବିଭିନ୍ନ ଉଦାହରଣ ଦେଇଥିଲେ। ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଛତ୍ରପୁର ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ସମ୍ବିତ କୁମାର ସାହୁ, କୁନା ସାହୁ, ପ୍ରଶାନ୍ତ ପ୍ରଧାନ, ଦୁର୍ଯୋଧନ ପ୍ରଧାନ, ସୁଦାମ, ସରପଞ୍ଚ ପୀତାମ୍ବର ପଣ୍ଡା, ଏସ. ଚକ୍ରପାଣି ରେଡ୍ଡୀ, କୁମାରୀ ପ୍ରଧାନ, ସମିତିସଭ୍ୟା ମାଗି ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହିଳା, ସରପଞ୍ଚ ଓ ସାମାଜିକ କର୍ମୀମାନଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛତ୍ରପୁର କଳା ବିକାଶ କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ କୋରା ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଗୃହିଣୀ, ସରପଞ୍ଚ, ସମିତିସଭ୍ୟମାନେ ନିଜ ମତ ଉପସ୍ଥାପନ କରିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

**ଆସିକା,୮।୩(ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ସୁଆର ତୋଟାଠାରେ ଆସିକା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଉପାଧକ୍ଷା ସୁଜାତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଉପାଧକ୍ଷା ସଙ୍ଗୀତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷା କଳ୍ପନା ଭୋଳ, ସମିତିସଭ୍ୟା ଅନିମା ପରିଡା, ପୂର୍ବତନ କାଉନସିଲର ରଶ୍ମିତା ସେନାପତି, ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ଯୁବ ବିଜେଡି ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଗୁଟୁ ମଲିକ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ସେହିପରି ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

**ଭଞ୍ଜନଗର:** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସୋମବାର ଏନ୍‌ସିସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। କଲେଜ ମୁଖ୍ୟକିରାଣୀ ଏସ୍. ଛାୟା ରାଓ, ଅଧାପିକା ରାଜଲକ୍ଷ୍ମୀ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ଓ ପୁରୁଷ ମଧ୍ୟରେ ସମନ୍ୱୟ ରହିଲେ ପାରିବାରିକ ହିଂସା



ଆସିକାରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କମିପାରିବ ବୋଲି କହିଥିଲେ। ଅଧାପିକା ମନ୍ଦାକିନି ପଣ୍ଡା, ପୂଜା ଦାସ, ପ୍ରାଧାପକ ଡ଼.ଆର.ଏନ.ପାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଅଧାପିକା ତୃପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଡ଼ିପୁର କଲେଜରେ ଏନସିସି ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଜାତୀୟ ଆଲୋଚନାଚକ୍ର ହୋଇଥିଲା। ଅଧକ୍ଷ ପ୍ରଭାକର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗୁଣପୁର କଲେଜ ଏନସିସି ଅଫିସର ସସ୍ମିତା କୁମାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରଧାପକ ଡ଼.ଅଶୋକ କୁମାର ଷଡ଼ଙ୍ଗୀ ସଭା ସଂଯୋଜନା କରିଥିଲେ। ଏନସିସି ଅଫିସର ଅଧାପକ ଦୀପକ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ସଭାରେ ବୈଜ୍ଞାନିକ ଡ଼.ସ୍ୱାଗତିକା ସାହୁ ଅଧକ୍ଷତା କରିଥିଲେ। ପ୍ରାଣୀ ବିଶେଷଜ୍ଞ ଡ଼.ବିଜୟନୀ ପଣ୍ଡା, ଏଏଓ ସୁମିନ୍ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବାଉଁଶଲୁଣ୍ଠିସ୍ଥିତ ବିଜୁ ସ୍ମୃତି ସଂସଦ ଭବନ ପରିସରରେ ବିଜେଡି ପକ୍ଷରୁ ମହିଳା ଦିବସ ପାଳନ କରାଯାଇଛି।

**ଶେରଗଡ:** ହିଞ୍ଜିଳି ନିର୍ବାଚନ ମଣ୍ଡଳୀସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ମାରୁଡ଼ି ଜଗନ୍ନାଥପୁରରେ ପାଳିତ ହୋଇଛି। ଶେରଗଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଉମାଦେବୀ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟା ନିବେଦିତା ପ୍ରଧାନ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଜିଲା ସଂପାଦିକା ଶ୍ରୀମତୀ ପାଢୀ, ହିଞ୍ଜିଳି ବ୍ଲକ ସଭାନେତ୍ରୀ ମମତା ରେଡ୍ଡୀ, ଜିଲା ପରିଷଦ ସଭ୍ୟା ଆରତୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ଗଞ୍ଜାମ:** ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ କମ୍ୟୁନିଟି ହଲରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ସଲୀଳା ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ବିଡିଓ ବିଶ୍ୱଜିତ ରାୟ, ମୁଖ୍ୟବକ୍ତା ଭାବେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ରୋନିତ କୁମାର, ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ପ୍ରିୟଦର୍ଶିନୀ ରାଉତରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଥିଲେ।

**ନୂଆଗଡ଼:** ନୂଆଗଡ ବ୍ଲକ ଖାଲରସିଂ ଗ୍ରାମ ଠାରେ ପଞ୍ଚାୟତ ସ୍ତରୀୟ ମହାସଂଘ ମହିଳା ଦିବସରେ ରାଲି ଅନୁଷ୍ଠିତ ହୋଇଥିଲା। ଖାଲରସିଂ ମହାସଂଘର ଏମବିକେ ଉସାରାଣୀ ଗୁରୁ, ସିଆରପି ସିଏମ ସୁଲତା ପାଇକ ଓ ଜ୍ୟୋତ୍ସ୍ନା ଚୌଧୁରୀ ଏଥିରେ ସାମିଲ ଥିଲେ।

**ବେଗୁନିଆପଡ଼ା:** ବେଗୁନିଆପଡା ବ୍ଲକ ସୁମଣ୍ଡଳଠାରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ସ୍ୱତନ୍ତ୍ର ବିଭାଗ ନିଷ୍ପତ୍ତି ବିଷୟ ପ୍ରକାଶ କରିଥିଲେ। ବ୍ଲକ ଅଧକ୍ଷା କେ.ରାଜଲକ୍ଷ୍ମୀ ଦୋରା, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ଭୂୟାଁ, ବ୍ଲକ ବିଜେଡି ମହିଳା ସଭାପତି ମଧୁମିତା ସାହୁ ଉପସ୍ଥିତ ଥିଲେ। **ଚିକିଟି:** ଚିକିଟି ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ମାଧୁରୀ ପାଢୀ ଅଧକ୍ଷତା କରିଥିଲେ। ଚିକିଟି ବିଡିଓ ଫାଲ୍‌ଗୁନି ମାଝି, ତହସିଲଦାର ହରପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ନଗର ବିଜେଡି ପକ୍ଷରୁ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ୍ ପୋଲେଇ ପ୍ରମୁଖ ଯୋଗ ଦେଇଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁରରେ ଭାରତ ଜ୍ଞାନ ବିଜ୍ଞାନ ସମିତି ପକ୍ଷରୁ ଆୟୋଜିତ ମହିଳା ଦିବସରେ ପୁନମ ବେହେରା ଓ ଲିପୁନ ପାଢୀ ଯୋଗଦେଇଥିଲେ।

**ରାୟଗଡ଼(ଗଜପତି):** ରାୟଗଡ଼ ବ୍ଲକରେ ବିଜେଡି ପକ୍ଷରୁ ରାୟଗଡ ହାଟପଦାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ମୁରୁତ ପାଳ, ଜିଲା ପରିଷଦ ଉପାଧକ୍ଷ ଆର୍.ବିଜୟ କୁମାର ସାମିଲ ଥିଲେ।

**ଗୋପାଳପୁର:** ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଆୟୋଜିତ ମହିଳା ଦିବସରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ୱାଇ. କିର୍ତ୍ତୀ ୱାସନ, ରାଜ୍ୟ କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ ଅଧକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ ପ୍ରମୁଖ ମଞ୍ଚାସୀନ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ ପଣ୍ଡିତ ଗାଁ ବିଦ୍ୟାଳୟ ପରିସରରେ ଆଇଜିଏସ୍‌ଏସ୍ ସଙ୍ଗଠନ ପକ୍ଷରୁ ପ୍ରକଳ୍ପ ଅଧିକାରୀ ଅମ୍ଳାନ ଅନୁପମ ସେନାପତି ଅଧକ୍ଷତାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଡିମିରିଆ ସରପଞ୍ଚ ମନୋଜ ଗୌଡ଼, ପଣ୍ଡିତ ଗାଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନପ୍ରିୟା ଦେବୀ, ଆଇଜିଏସଏସ ସଙ୍ଗଠନର ସଭ୍ୟ ସ୍ନେହଲତା ମହାନ୍ତି ଉପସ୍ଥିତ ଥିଲେ ।

**ପୋଲସରା:** ପୋଲସରା ବ୍ଲକ ସାନ ବରଗାଁ ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଗାଁ କଲ୍ୟାଣ ସମିତିର ସହଯୋଗରେ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସରେ ଅଙ୍ଗନୱାଡି କର୍ମୀ ଶସ୍ମିତା ପଟ୍ଟନାୟକ, ସୁରଭି କୁସୁମ ପଟ୍ଟନାୟକ ପରିଚାଳନା କରିଥିଲେ। **କାଶୀନଗର:** ସ୍ଥାନୀୟ ବ୍ଲକ ଅଫିସ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ହୃଷୀକେଶ ଗୌଡ଼ ସଭାପତିତ୍ୱ କରିଥିବା ବେଳେ କନକଲତା ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡାକ୍ତର ଲିପିଲେଖା ସ୍ୱାଇଁ, ବିଇଓ ହୃଷୀକେଶ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । **କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକରେ ସୁପରଭାଇଜର୍ ଗୀତରାଣୀ ରାଉଳଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ବିଡିଓ ଗଦାଧର ପାତ୍ର ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ରୂପେ ସ୍ଥାନୀୟ ତହସିଲଦାର ଇପ୍ସିତା ପ୍ରିୟଦର୍ଶୀନୀ ମିଶ୍ର ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡିଠାରେ ବିଜେଡି ସମେତ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ବିଭାଗ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସଭାପତି ଉମା ମାହେଶ୍ୱରୀ ସେଠୀଙ୍କ ଅଧକ୍ଷତାରେ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଏନଏସି ଅଧକ୍ଷ ଭି. ରବି ନାରାୟଣ ରାଜୁ, ପୂର୍ବତନ ଅଧକ୍ଷା ସୁନିତା ସେଠୀ, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ, ସାଧନା ମହିଳା ସଂଘ ସଭାନେତ୍ରୀ ପି.ବିଜୟଲକ୍ଷ୍ମୀ, ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ବାଲିଗୁଡା:** ବାଲିଗୁଡ଼ା ଟାଉନ ହଲଠାରେ ବନବାସୀ ସେବା ସମିତି, ତାଲୁକା ଆଇନ ସେବା କମିଟି, ସମନ୍ୱୟିତ ଶିଶୁ ବିକାଶ ପ୍ରକଳ୍ପ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିଷ୍ଟାଣ୍ଟ ସେସନ ଜଜ୍ ଶୁଭଦର୍ଶୀ ପଟ୍ଟନାୟକ ପ୍ରଦିପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।


ଭଞ୍ଜନଗର କେଏସ୍‌ୟୁବି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

